

# ଉତ୍କଳ ପ୍ରସଙ୍ଗ

(ନିର୍ବାଚନ ବିଶେଷାଙ୍କ)

ଫେବୃଆରୀ-ମାର୍ଚ୍ଚ, ୧୯୭୪



ଶ୍ରୀମତୀ ନନ୍ଦିନୀ ଶତପଥୀ ୧୯୭୪ ମାର୍ଚ୍ଚ ୬ ତାରିଖରେ ମୁଖ୍ୟ ମନ୍ତ୍ରୀ ରୂପେ ଶପଥ ପାଠ କରୁଛନ୍ତି ।

# ଉତ୍କଳ ପ୍ରସଙ୍ଗ

ଫେବୃଆରୀ-ମାର୍ଚ୍ଚ : ୧୯୭୪
ମାଘ-ଫାଲ୍‌ଗୁନ : ୧୮୯୫
୩୦ଶ ଭାଗ : ୭ମ-୮ମ ସଂଖ୍ୟା

## ନିର୍ବାଚନ ବିଶେଷାଙ୍କ

ଏହି ସଂଖ୍ୟାରେ :

ଓଡ଼ିଶାରେ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ : ଏକ ସମୀକ୍ଷା ୧
ଓଡ଼ିଶାର ନୂତନ ମନ୍ତ୍ରୀମଣ୍ଡଳ ୭
ଆମର ନିର୍ବାଚିତ ପ୍ରତିନିଧି ୯
୧୯୭୪ ଓଡ଼ିଶା ବିଧାନସଭା ନିର୍ବାଚନ ୧୭
ଆମରକ୍ଷ୍ୟ ୧୦୭

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସଂପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକସଂପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସମୟରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।

ସମ୍ପାଦକ
ପ୍ରସନ୍ନ କୁମାର ମିଶ୍ର, ଆଇ. ଏ. ଏସ୍.
ଲୋକ ସଂପର୍କ ନିର୍ଦ୍ଦେଶକ ।

ସହଯୋଗୀ ସମ୍ପାଦକ
ବ୍ରଜ ମୋହନ ପଟ୍ଟନାୟକ,
ସହକାରୀ ଲୋକ ସଂପର୍କ ନିର୍ଦ୍ଦେଶକ ।

ସହକାରୀ ସମ୍ପାଦକ
କିଶୋର ଚନ୍ଦ୍ର ବେହେରା,
ପ୍ରକାଶନ ଅଧିକାରୀ ।

ଆମରପ୍ରଚ୍ଛଦପଟ :
ଓଡ଼ିଶା ବିଧାନସଭାସୌଧ

ମୁଦ୍ରଣ :
ଓଡ଼ିଶା ସରକାରୀ ମୁଦ୍ରଣାଳୟ
କଟକ

ବାର୍ଷିକ ଦେୟ : ଟ ୪·୮୦
ପ୍ରତି ଖଣ୍ଡ : ଟ ୦·୪୦

ପ୍ରକାଶନ : ପ୍ରତିମାସ ୧୫ ତାରିଖ

# ଉତ୍କଳ ପ୍ରସଙ୍ଗ


ଫେବ୍ରୁଆରୀ-ମାର୍ଚ୍ଚ : ୧୯୭୪
ମାଘ-ଫାଲ୍‌ଗୁନ : ୧୮୯୫
୩୦ଶ ଭାଗ : ୭ମ-୮ମ ସଂଖ୍ୟା


ନିର୍ବାଚନ ବିଶେଷାଙ୍କ

ଏହି ସଂଖ୍ୟାରେ :


ଓଡ଼ିଶାରେ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ : ଏକ ସମୀକ୍ଷା ୧

ଓଡ଼ିଶାର ନୂତନ ମନ୍ତ୍ରୀମଣ୍ଡଳ ୭

ଆମର ନିର୍ବାଚିତ ପ୍ରତିନିଧି ୯

୧୯୭୪ ଓଡ଼ିଶା ବିଧାନସଭା ନିର୍ବାଚନ ୧୭

ଆମରାଜ୍ୟ ୧୦୭


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସଂପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକସଂପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସମୟରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।

❋


ସମ୍ପାଦକ
ପ୍ରସନ୍ନ କୁମାର ମିଶ୍ର, ଆଇ. ଏ. ଏସ୍.
ଲୋକ ସଂପର୍କ ନିର୍ଦ୍ଦେଶକ ।

ସହଯୋଗୀ ସମ୍ପାଦକ
ବ୍ରଜ ମୋହନ ପଟ୍ଟନାୟକ,
ସହକାରୀ ଲୋକ ସଂପର୍କ ନିର୍ଦ୍ଦେଶକ ।

ସହକାରୀ ସମ୍ପାଦକ
କିଶୋର ଚନ୍ଦ୍ର ବେହେରା,
ପ୍ରକାଶନ ଅଧିକାରୀ ।

❋

ଆବରଣପୃଷ୍ଠପଟ :
ଓଡ଼ିଶା ବିଧାନସଭାସୌଧ

ମୁଦ୍ରଣ :
ଓଡ଼ିଶା ସରକାରୀ ମୁଦ୍ରଣାଳୟ
କଟକ

❋

ବାର୍ଷିକ ଦେୟ : ଟ ୪·୮୦
ପ୍ରତି ଖଣ୍ଡ : ଟ ୦·୪୦

❋

ପ୍ରକାଶନ: ପ୍ରତିମାସ ୧୫ ତାରିଖ

# ଶ୍ରୀମତୀ ନନ୍ଦିନୀ ଶତପଥୀ



ଶ୍ରୀମତୀ ନନ୍ଦିନୀ ଶତପଥୀ ହେଉଛନ୍ତି ଜଣେ ସାହସୀ ତଥା ନିର୍ଭୀକ ଦୃଢ଼ ନେତ୍ରୀ । ସମାଜର ତଳସ୍ତରରେ ପଡ଼ି-ରହିଥିବା ଗରିବ ଓ ନିଷ୍ପେଷିତ ଜନତାର ମଙ୍ଗଳବିଧାନପାଇଁ ସେ ସଦାସର୍ବଦା ଉଦ୍‌ବିଗ୍ନ । ରାଜନୈତିକ କ୍ଷେତ୍ରରେ ପ୍ରଗତିଶୀଳ ଚିନ୍ତାଧାରା ପାଇଁ ତାଙ୍କର ସୁନାମ ରହିଛି । ପ୍ରଶାସନ କ୍ଷେତ୍ରରେ ବି ତାଙ୍କର ପାରଦର୍ଶିତା ପ୍ରମାଣିତ ହୋଇଛି ।

ଶ୍ରୀମତୀ ଶତପଥୀଙ୍କ ଜନ୍ମ ୧୯୩୧ ମସିହା ଜୁନ୍ ୯ ତାରିଖରେ । ଓଡ଼ିଶାର ଖ୍ୟାତନାମା କବି ଓ ଔପନ୍ୟାସିକ ପଦ୍ମଭୂଷଣ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ ହେଉଛନ୍ତି ଶ୍ରୀମତୀ ଶତପଥୀଙ୍କ ପିତା । ଓଡ଼ିଶାର ଅନ୍ୟତମ ବିପ୍ଳବୀ ନେତା ସ୍ୱର୍ଗୀୟ ଭଗବତୀ ଚରଣ ପାଣିଗ୍ରାହୀ ତାଙ୍କର କନିଷ୍ଠ ପିତୃବ୍ୟ । ଅତି କମ୍ ବୟସରୁ ଶ୍ରୀମତୀ ଶତପଥୀଙ୍କ ଚିନ୍ତାଧାରା ଓ ଦୃଷ୍ଟିଭଙ୍ଗୀ ଉପରେ ଏ ଦୁହିଁଙ୍କର ଯଥେଷ୍ଟ ପ୍ରଭାବ ପଡ଼ିଥିଲା ।

ମାତ୍ର ବାର ବର୍ଷ ବୟସରେ ସ୍କୁଲରେ ଅଧ୍ୟୟନ ସମୟରୁ ସେ ସାଧାରଣ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରିବା ଆରମ୍ଭ କରିଥିଲେ । ସେ ଓଡ଼ିଶାରେ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଏବଂ ୧୯୪୮-୪୯ ମସିହାରେ ଛାତ୍ର ସଂଘର ସଂପାଦିକା ଥିଲେ । ଛାତ୍ରାବସ୍ଥାରୁ ତାଙ୍କର ସାହିତ୍ୟ ପ୍ରତି ଯଥେଷ୍ଟ ଅନୁରାଗ ଥିଲା । ସେହି ସମୟରେ ସେ ଅନେକ କବିତା ଓ କ୍ଷୁଦ୍ରଗଳ୍ପ ଲେଖିଥିଲେ ଯେଉଁଗୁଡ଼ିକ ବି ବିଶେଷ ଆଦୃତ ହୋଇ ପାରିଛି ।

ଶ୍ରୀମତୀ ଶତପଥୀ କଟକ ରେଭେନ୍‌ସା କଲେଜରୁ ଓଡ଼ିଆ ସାହିତ୍ୟରେ ଏମ୍. ଏ. ପାସ୍ କରିଥିଲେ । ତାଙ୍କ ସଂପାଦନାରେ 'ଧରିତ୍ରୀ' ଓ 'କଳନା' ନାମକ ଦୁଇଟି ମାସିକ ପତ୍ରିକା ପ୍ରକାଶିତ ହେଉଥିଲା । ତାଙ୍କଦ୍ୱାରା ଲିଖିତ ବିଭିନ୍ନ ଗଳ୍ପ ଯଥେଷ୍ଟ ଆଦୃତ ହୋଇପାରିଛି । ନିକଟରେ ପ୍ରକାଶିତ ତାଙ୍କର ଗଳ୍ପ ସଂଚୟନର ହିନ୍ଦୀ ଅନୁବାଦ 'ଜନପଥ' ବିଶେଷ ଜନପ୍ରିୟ ହୋଇଛି ।

ସମାଜସେବାପ୍ରତି ଶ୍ରୀମତୀ ଶତପଥୀଙ୍କର ପ୍ରବଳ ଆଗ୍ରହ ରହିଆସିଛି । ବନ୍ୟା ଓ ମରୁଡ଼ିଗ୍ରସ୍ତ ଅଞ୍ଚଳରେ ସେ ବହୁବାର ସାହାଯ୍ୟ କାର୍ଯ୍ୟ ସଂଗଠନ କରିଛନ୍ତି । ଶ୍ରୀମତୀ ଶତପଥୀ ଓଡ଼ିଶା ମହିଳା ସାହାଯ୍ୟ ସମିତି ସଂଗଠନ କରି ୧୯୫୮ ମସିହାରେ ସେଥିର ସଂପାଦିକା ଥିଲେ । ସେ ଓଡ଼ିଶା ଶାଖା ଭାରତୀୟ ସାମାଜିକ ଓ ନୈତିକ ସ୍ୱାସ୍ଥ୍ୟ ସଂସ୍ଥାର ସଂଗଠନ କରିଥିଲେ । ଦେଶର ବହୁ ଜନମଙ୍ଗଳ, ସାହିତ୍ୟିକ ତଥା ଅନ୍ୟାନ୍ୟ ସେବାମୂଳକ ସଂଗଠନ ସହିତ ସେ ସଂଶ୍ଳିଷ୍ଟ ରହିଛନ୍ତି ।

୧୯୬୨ ମସିହା ଅପ୍ରେଲ ମାସରେ ସେ ପ୍ରଥମକରି କଂଗ୍ରେସ ସଦସ୍ୟା ରୂପେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ । ଏହାପରେ ୧୯୬୮ ମସିହା ଅପ୍ରେଲ ମାସରେ ସେ ପୁନର୍ନିର୍ବାଚିତ ହୋଇଥିଲେ । ଜଣେ ଦକ୍ଷ ବ୍ୟବସ୍ଥାପକ ହିସାବରେ ସେ ଖୁବ୍ ଶୀଘ୍ର ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ । ଶ୍ରୀମତୀ ଶତପଥୀ ୧୯୬୬ ଜାନୁଆରୀ ୨୯ ତାରିଖରେ ତଥ୍ୟ ଓ ବେତାର ବିଭାଗର ଉପମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ । ୧୯୬୭ ମସିହା ସାଧାରଣ ନିର୍ବାଚନ ପରେ ଗଠିତ ନୂତନ ମନ୍ତ୍ରୀ ପରିଷଦରେ ମଧ୍ୟ ସେ ଏହି ଦାୟିତ୍ୱରେ ରହିଥିଲେ । ୧୯୬୯ ଫେବୃଆରୀ ୧୪ ତାରିଖରେ ସେ ଉପମନ୍ତ୍ରୀ ରୂପେ ପ୍ରଧାନମନ୍ତ୍ରୀଙ୍କ ଦପ୍ତର ସହିତ ସଂଶ୍ଳିଷ୍ଟ ରହିଲେ ଏବଂ ୧୯୭୦ ଜୁନ୍ ୨୬ ତାରିଖରେ ରାଷ୍ଟ୍ରମନ୍ତ୍ରୀ ରୂପେ ଦାୟିତ୍ୱ ନେଇଥିଲେ ।

କେନ୍ଦ୍ର ମନ୍ତ୍ରୀ ପରିଷଦର ସଦସ୍ୟାଭାବରେ ବିଭିନ୍ନ କ୍ଷେତ୍ରରେ ତାଙ୍କର ଉଲ୍ଲେଖଯୋଗ୍ୟ ଅବଦାନ ରହିଛି । ବିଚକ୍ଷଣ ବୁଦ୍ଧି ଓ ବଳିଷ୍ଠ ଚିନ୍ତାଧାରା ସାଙ୍ଗକୁ ବିନମ୍ର ବ୍ୟବହାର ବଳରେ ସେ ବିଭିନ୍ନ ସମସ୍ୟାର ଆଶୁ ସମାଧାନ କରିବା ଦିଗରେ ନିଜ ସାମର୍ଥ୍ୟର ପରିଚୟ ଦେଇପାରିଛନ୍ତି ।

ଶ୍ରୀମତୀ ଶତପଥୀ ୧୯୬୬ ମସିହା ନଭେମ୍ବର-ଡିସେମ୍ବର ମାସରେ ଭାରତୀୟ ଚଳଚ୍ଚିତ୍ର ପ୍ରତିନିଧି ଦଳର ନେତ୍ରୀ ରୂପେ ମସ୍କୋ ଯାତ୍ରା କରିଥିଲେ ଓ ସୋଭିଏତ୍ ଦେଶର ବିଭିନ୍ନ ଅଂଚଳ ପରିଦର୍ଶନ କରିଥିଲେ । ପୁନଶ୍ଚ ୧୯୬୮ ମସିହା ଅକ୍‌ଟୋବର ମାସରେ ତାଙ୍କ ନେତୃତ୍ୱରେ ଏକ ଭାରତୀୟ ଚଳଚ୍ଚିତ୍ର ପ୍ରତିନିଧି ଦଳ ସୋଭିଏତ୍ ସଂଘରେ ଯାଇଥିଲା । ଅନ୍ୟଏକ ଚଳଚ୍ଚିତ୍ର ପ୍ରତିନିଧି ଦଳର ନେତୃତ୍ୱ ନେଇ ୧୯୬୨ ମସିହା ମଇ ମାସରେ ସେ ତାସକେଣ୍ଟ ସହରେ ଯାଇଥିଲେ । ପ୍ୟାରିସଠାରେ ଅନୁଷ୍ଠିତ ହୋଇଥିବା ଜାତିସଂଘ ଶିକ୍ଷା, ବିଜ୍ଞାନ ତଥା ସାଂସ୍କୃତିକ ପରିଷଦର ପଞ୍ଚଦଶ ସାଧାରଣ ଅଧିବେଶନରେ ସେ ଭାରତୀୟ ପ୍ରତିନିଧି ଦଳର ସଦସ୍ୟା ଭାବରେ ଯୋଗ ଦେଇଥିଲେ । ସେ ଲଣ୍ଡନ ପରିଦର୍ଶନରେ ଯାଇଥିଲେ ଓ ସେଠାରେ ବ୍ରିଟିଶ ପ୍ରେସ୍ କାଉନ୍‌ସିଲର କାର୍ଯ୍ୟ ପରିଚାଳନା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ୧୯୭୦ ମସିହା ଅକ୍‌ଟୋବର ମାସରେ ସେ ପ୍ରଧାନମନ୍ତ୍ରୀଙ୍କ ସହ ଭାରତୀୟ ପ୍ରତିନିଧି ଦଳର ଜଣେ ସଭ୍ୟା ରୂପେ ଜାତିସଂଘର ସ୍ୱତନ୍ତ୍ର ଅଧିବେଶନରେ ଯୋଗ ଦେବାକୁ ନିଉୟର୍କ ଯାଇଥିଲେ ।

ଭାରତୀୟ ଶିଶୁ ଚଳଚ୍ଚିତ୍ର ପ୍ରତିଷ୍ଠାନର ସେ ଦୁଇଥର ପାଇଁ ଅଧ୍ୟକ୍ଷା ଥିଲେ ଏବଂ ତାଙ୍କରି ନିର୍ଦ୍ଦେଶ ତଥା ପରାମର୍ଶ ଅନୁସାରେ ଏହାର କାର୍ଯ୍ୟ ପରିଚାଳିତ ହେଉଥିଲା । ୧୯୬୮ ମସିହା ଅକ୍ଟୋବର ମାସରେ ପ୍ୟାରିସଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଶିଶୁ ଓ ଯୁବ ଚଳଚ୍ଚିତ୍ର ସଂସ୍ଥା ସଂଗଠନ ମଣ୍ଡଳୀର ସଭ୍ୟା ରୂପେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ ।

ଶ୍ରୀମତୀ ଶତପଥୀ ଭାରତୀୟ ଜାତୀୟ କଂଗ୍ରେସ କାର୍ଯ୍ୟକାରୀ କମିଟିର ମଧ୍ୟ ଜଣେ ସଦସ୍ୟା ଅଛନ୍ତି । ଏହାଛଡ଼ା ଯୁବ କଂଗ୍ରେସ ଉପଦେଷ୍ଟା ପରିଷଦର ବି ସେ ସଦସ୍ୟା ରହିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏହାର ସଭାନେତ୍ରୀ ।

ଶ୍ରୀ ଅରବିନ୍ଦ ଓ ଶ୍ରୀ ମା'ଙ୍କ ପ୍ରତି ଶ୍ରୀମତୀ ଶତପଥୀ ଓ ତାଙ୍କ ସ୍ୱାମୀ ପାର୍ଲିଆମେଣ୍ଟ ସଦସ୍ୟ ଶ୍ରୀ ଦେବେନ୍ଦ୍ର ଶତପଥୀଙ୍କର ପ୍ରଗାଢ଼ ଅନୁରକ୍ତି ରହିଛି ।

ଓଡ଼ିଶାରେ ମିଳିତ ସାମ୍ମୁଖ୍ୟ ମନ୍ତ୍ରୀମଣ୍ଡଳର ପତନ ପରେ ୧୯୭୨ ଜୁନ୍ ୧୩ରେ ଶ୍ରୀମତୀ ଶତପଥୀ ସର୍ବସମ୍ମତି-କ୍ରମେ ଓଡ଼ିଶା କଂଗ୍ରେସ ବିଧାୟକ ଦଳର ନେତ୍ରୀ ରୂପେ ନିର୍ବାଚିତ ହୋଇଥିଲେ । ୧୯୭୩ ମାର୍ଚ୍ଚ ୧ ତାରିଖ ଦିନ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ତାଙ୍କର ସ୍ୱଳ୍ପ କାର୍ଯ୍ୟକାଳ ମଧ୍ୟରେ ତାଙ୍କ ସରକାର ଅନ୍ୟାନ୍ୟ ବିଷୟ ମଧ୍ୟରେ ଜମିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ସମ୍ପର୍କୀୟ ଭୂ-ସଂସ୍କାର ଆଇନ, କେନ୍ଦୁପତ୍ର ବ୍ୟବସାୟ ଜାତୀୟକରଣ ଭଳି ପ୍ରଗତିଶୀଳ ଓ ସୁଦୂରପ୍ରସାରୀ କାର୍ଯ୍ୟକ୍ରମମାନ ଆରମ୍ଭ କରିଥିଲେ । ଷଷ୍ଠ ଅର୍ଥ କମିଶନଙ୍କ ନିକଟରେ ରାଜ୍ୟସରକାରଙ୍କ ଦାବୀ ଉପସ୍ଥାପିତ କରିବା ଓ ରାଜ୍ୟର ପଞ୍ଚମ ଯୋଜନାର ରୂପରେଖ ପ୍ରଣୟନ କରିବା ଦିଗରେ ତାଙ୍କ ମନ୍ତ୍ରୀମଣ୍ଡଳ ଆଗୁଆ ପଦକ୍ଷେପ ଗ୍ରହଣ କରିଥିଲେ । ସେ ଶାସନ ଦାୟିତ୍ୱରେ ଥିବାବେଳେ ରାଜ୍ୟର ଶିଳ୍ପ ଓ କୃଷି କ୍ଷେତ୍ରରେ ମଧ୍ୟ ଅଗ୍ରଗତିର ବେଗ ବୃଦ୍ଧି ପାଇଥିଲା । ଆଦିବାସୀ, ହରିଜନ ତଥା ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କ ଉପକାର ପାଇଁ ତାଙ୍କ ଶାସନ କାଳରେ ଅନେକ ସ୍ୱତନ୍ତ୍ର ଯୋଜନା ପ୍ରତି ଅଗ୍ରାଧିକାର ଦିଆଯାଉଥିଲା ।

ରାଷ୍ଟ୍ରପତି ଶାସନର ବର୍ଷକ ପରେ ରାଜ୍ୟ ବିଧାନ ସଭାପାଇଁ ଗତ ଫେବୃଆରୀ ମାସରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଶ୍ରୀମତୀ ଶତପଥୀଙ୍କ ନେତୃତ୍ୱରେ ତାଙ୍କ ଦଳ ଅସାଧାରଣ ସଫଳତା ହାସଲ କରିଛି । ସେ ପୁନର୍ବାର ୧୯୭୪ ମାର୍ଚ୍ଚ ୨ ତାରିଖ ଦିନ ସର୍ବସମ୍ମତିକ୍ରମେ କଂଗ୍ରେସ ବିଧାୟକ ଦଳର ନେତ୍ରୀ ରୂପେ ନିର୍ବାଚିତ ହୋଇ ମାର୍ଚ୍ଚ ୬ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

———



# ଶ୍ରୀ ବିନାୟକ ଆଚାର୍ଯ୍ୟ

ଶ୍ରୀ ବିନାୟକ ଆଚାର୍ଯ୍ୟ ୧୯୧୮ ମସିହା ଅଗଷ୍ଟ ୩୦ ତାରିଖରେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଜଣେ ଶ୍ରଦ୍ଧାଭାଜନ ବ୍ୟକ୍ତି ତଥା ରାଜନୈତିକ ନେତା ରୂପେ ଶ୍ରୀ ଆଚାର୍ଯ୍ୟଙ୍କର ଖ୍ୟାତି ରହିଛି । ସମାଜବାଦ ଓ ଧର୍ମ ନିରପେକ୍ଷତାରେ ସେ ବିଶେଷ ଆସ୍ଥାବାନ । ଛାତ୍ରାବସ୍ଥାରେ ମଧ୍ୟ ସେ ରାଜ୍ୟର ତଥା ରାଜ୍ୟ ବାହାରର ବହୁ ମାନ୍ୟଗଣ୍ୟ ରାଜନୈତିକ ନେତାଙ୍କ ସଂସ୍ପର୍ଶରେ ଆସିଥିଲେ । ସ୍ନାତକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ସେ ବିଭିନ୍ନ ସ୍କୁଲରେ ସହକାରୀ ଶିକ୍ଷକ ରୂପେ କାର୍ଯ୍ୟ କରି ପରେ ପ୍ରଧାନ ଶିକ୍ଷକ ହୋଇଥିଲେ । ମ୍ୟୁନିସିପାଲିଟି ମାଇନର ସ୍କୁଲ ଏବଂ ହାଇସ୍କୁଲର ପ୍ରଧାନ ଶିକ୍ଷକ ରୂପେ ତାଙ୍କର ଦୀର୍ଘ ୨୦ ବର୍ଷ କାଳ ଅତିବାହିତ ହୋଇଛି । ଶିକ୍ଷକତାକରି ଜୀବିକା ନିର୍ବାହ କରିବା ତାଙ୍କର ଉଦ୍ଦେଶ୍ୟ ନଥିଲା, ପରନ୍ତୁ ସମାଜସେବାହିଁ ତାଙ୍କ ଜୀବନର ଲକ୍ଷ୍ୟଥିଲା । ଶିକ୍ଷକତା କରୁଥିଲା ବେଳେ ମଧ୍ୟ ସେ ରାଜନୀତିରେ ସକ୍ରିୟ ଭାଗ ନେଉଥିଲେ । ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନ ସମୟରେ ଶ୍ରୀ ଆଚାର୍ଯ୍ୟ ବିଶ୍ୱସ୍ତ ବ୍ୟକ୍ତି ରୂପେ ଅଟକବନ୍ଦୀମାନଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ ଓ ସେମାନଙ୍କ ଅନୁପସ୍ଥିତିରେ ସେମାନଙ୍କ ପରିବାରର ଭଲମନ୍ଦ ବିଷୟ ବୁଝାସୁଝା କରୁଥିଲେ ।

ସେ "ବିନାୟକ ମାଷ୍ଟର" ରୂପେ ସୁପରିଚିତ । ଶ୍ରୀ ଆଚାର୍ଯ୍ୟ ୧୯୬୧ ମସିହାଠାରୁ ରାଜନୀତିରେ ସକ୍ରିୟ ଭାଗ ନେଇଥିଲେ । ସେ ୧୯୬୭ ମସିହାରେ ବ୍ରହ୍ମପୁର ମ୍ୟୁନିସିପାଲିଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ପଦ ତ୍ୟାଗ କଲେ ଓ କଂଗ୍ରେସ ପ୍ରାର୍ଥୀ ରୂପେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରୁ ରାଜ୍ୟ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ସେହିବର୍ଷ ଶ୍ରୀ ସଦାଶିବ ତ୍ରିପାଠୀ ଓଡ଼ିଶା ବିଧାନ ସଭାର ବିରୋଧିଦଳ ନେତା ପଦରୁ ଇସ୍ତଫା ଦେବା ପରେ ସେ ତାଙ୍କ ସ୍ଥାନରେ ବିରୋଧିଦଳ ନେତା ହୋଇଥିଲେ । ୧୯୭୦ ମସିହା ମଇ ମାସରେ ଶ୍ରୀ ଆଚାର୍ଯ୍ୟ ଶାସକ କଂଗ୍ରେସର ଆବାହକ ରୂପେ ମନୋନୀତ ହୋଇଥିଲେ ।

୧୯୬୭ ରୁ ୧୯୭୧ ମସିହା ମଧ୍ୟରେ ରାଜ୍ୟରେ ବହୁ ରାଜନୈତିକ ପରିବର୍ତ୍ତନ ଘଟିଥିଲା । ଶ୍ରୀ ଆସୁଧି ଏପରି ଏକ ସନ୍ଧିସନ୍ଧି ମୁହୂର୍ତ୍ତରେ ବିଶେଷ ସାହାସ ଓ ସଂକଳ୍ପ ସହ ଦଳକୁ ନେତୃତ୍ୱ ଦେଇଥିଲେ । ସେ ୧୯୭୧ ମସିହାରେ ପୁନର୍ବାର ବ୍ରହ୍ମପୁର ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ପ୍ରାୟ ୨୪,୦୦୦ ରୁ ଅଧିକ ଭୋଟରେ ନିର୍ବାଚିତ ହୋଇଥିଲେ ।

ଶ୍ରୀ ଆସୁଧି ତାଙ୍କର ବାଲ୍ୟକାଳରୁ ଜାତିଭେଦ, ସାମ୍ପ୍ରଦାୟିକତା ତଥା ସମସ୍ତପ୍ରକାରର ସଂକୀର୍ଣ୍ଣତାକୁ ଘୃଣା କରୁଥିଲେ । ସେ ଗଞ୍ଜାମ ଜିଲାର ହରିଜନ ଆନ୍ଦୋଳନରେ ସକ୍ରିୟ ଭାଗ ନେଇଥିଲେ । ୧୯୩୯ ମସିହାରେ ଏକ ହରିଜନ ପଂକ୍ତି ଭୋଜନରେ ଯୋଗ ଦେଇଥିବାରୁ ତାଙ୍କର ଗୁରୁଜନମାନେ ତାଙ୍କୁ ଭର୍ତ୍ସନା କରିଥିଲେ । ୧୯୪୦ ମସିହା ପ୍ରାରମ୍ଭରେ ଯେତେବେଳେ ପାରଳାଖେମୁଣ୍ଡିରେ ଓଡ଼ିଆ ଏବଂ ତେଲୁଗୁ ଭାଷୀ ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିଲା ସେତେବେଳେ ଶ୍ରୀ ଆସୁଧି ଲୋକମାନଙ୍କୁ ସଂକୀର୍ଣ୍ଣ ଆଞ୍ଚଳିକ ମନୋଭାବରୁ ନିବୃତାଇବା ଦିଗରେ ଆପ୍ରାଣ ଉଦ୍ୟମ କରିଥିଲେ ।

୧୯୭୧ ଅପ୍ରେଲ ମାସରେ ଯେତେବେଳେ ଶ୍ରୀ ବିଶ୍ୱନାଥ ଦାଶଙ୍କ ନେତୃତ୍ୱରେ ମିଳିତ ସାଲିଶୀ ମନ୍ତ୍ରୀମଣ୍ଡଳ କାର୍ଯ୍ୟଭାର ଗ୍ରହଣ କଲେ, ସେତେବେଳେ ଶ୍ରୀ ଆସୁଧି ପୁନର୍ବାର ରାଜ୍ୟ ବିଧାନ ସଭାରେ ବିରୋଧୀଦଳ ନେତା ହେଲେ । ମିଳିତ ସାଲିଶୀ ମନ୍ତ୍ରୀମଣ୍ଡଳର ପତନ ପରେ ପରିବର୍ତ୍ତିତ ପରିସ୍ଥିତି ଦୃଷ୍ଟିରୁ ସେ କଂଗ୍ରେସ ବିଧାୟକ ଦଳର ନେତା ପଦରୁ ଇସ୍ତଫା ଦେଲେ ।

ଗତ ୧୯୭୨ ମସିହା କଂଗ୍ରେସ ମନ୍ତ୍ରୀମଣ୍ଡଳରେ ଶ୍ରୀ ଆସୁଧି କୃଷି, ସମବାୟ, ନଗର ଉନ୍ନୟନ, ଶ୍ରମ, ନିଯୁକ୍ତି ଏବଂ ଗୃହ ନିର୍ମାଣ ତଥା ଶିକ୍ଷା ବିଭାଗର ମନ୍ତ୍ରୀ ଥିଲେ ।

୧୯୭୩ ମସିହାରେ କଂଗ୍ରେସ ମନ୍ତ୍ରୀମଣ୍ଡଳର ଇସ୍ତଫା ପ୍ରଦାନ ପରେ ଶ୍ରୀ ଆସୁଧି କାଉନସିଲର ରୂପେ ନିର୍ବାଚିତ ହୋଇ ୧୯୭୩ ଜୁଲାଇ ମାସରେ ବ୍ରହ୍ମପୁର ମ୍ୟୁନିସିପାଲିଟିର ଚେୟାରମ୍ୟାନ ହୋଇଥିଲେ ।

ଗତ ଫେବୃଆରୀ ମାସରେ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ରୂପେ ଶ୍ରୀ ଆସୁଧି ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରୁ ରାଜ୍ୟ ବିଧାନ ସଭାକୁ ପୁନର୍ବାର ନିର୍ବାଚିତ ହୋଇଛନ୍ତି ।

---



# ଶ୍ରୀ ବାଙ୍କ ବିହାରୀ ଦାସ

ଶ୍ରୀ ବାଙ୍କ ବିହାରୀ ଦାସ ଓଡ଼ିଶାର ଜଣେ ଖ୍ୟାତନାମା ରାଜନୀତିଜ୍ଞ । ୧୯୨୩ ମସିହା ଜାନୁଆରୀ ମାସରେ କଟକ ଜିଲ୍ଲାରେ ତାଙ୍କର ଜନ୍ମ । ରେଭେନ୍‌ସା କଲେଜରେ ଚତୁର୍ଥ ବାର୍ଷିକ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ସେ କଲେଜ ଛାଡ଼ି 'ଭାରତ ଛାଡ଼' ଆନ୍ଦୋଳନରେ ଯୋଗଦେଇ ସକ୍ରିୟ ରାଜନୀତିରେ ଝାସ ଦେଇଥିଲେ । ସେ ଷଡ଼ଯନ୍ତ୍ର ମାମଲାରେ ଅଭିଯୁକ୍ତ ହୋଇ ସୁଦୀର୍ଘ କାରାବରଣ କରିଥିଲେ ।

ଶ୍ରୀ ଦାସ ଜଣେ ପ୍ରବୀଣ ରାଜନୀତିଜ୍ଞ ଓ ଦକ୍ଷ ସଂଗଠକ ଭାବରେ ସୁପରିଚିତ । ୧୯୪୭ରେ ସେ ପ୍ରଦେଶ କଂଗ୍ରେସ କମିଟିରେ ସହକାରୀ ସଂପାଦକ ଥିଲେ । ୧୯୪୮ରେ ଓଡ଼ିଶା ଶାଖା ପ୍ରଜା ସମାଜବାଦୀ ଦଳର ସାଧାରଣ ସଂପାଦକ ହେଲେ । ୧୯୫୭ ରେ ସେ କଟକ ଜିଲ୍ଲା ବିଂଝାରପୁର ନିର୍ବାଚନ ମଣ୍ଡଳୀରୁ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୫୯ ରେ ସେ ଓଡ଼ିଶା କର ଟିକସ ତଦନ୍ତ କମିଟିର ସଦସ୍ୟ ମନୋନୀତ ହେଲେ । ୧୯୬୯ ରୁ ନିଖିଳ ଭାରତ ପ୍ରଜା ସମାଜବାଦୀ ଦଳର ଯୁଗ୍ମ ସଂପାଦକ ରୂପେ ଏହି ଦଳର ସୋସିଆଲିଷ୍ଟ ଦଳ ସହ ମିଶ୍ରଣ ପର୍ଯ୍ୟନ୍ତ ସେ ଦାୟିତ୍ୱରେ ଥିଲେ । ୧୯୬୬ ରେ ସେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ ଏବଂ ଜଣେ ଦକ୍ଷ ବ୍ୟବସ୍ଥାପକ (ପାର୍ଲିଆମେଣ୍ଟାରିଆନ୍) ଭାବେ ନିଜକୁ ପ୍ରତିଷ୍ଠିତ କରାଇ ପାରିଥିଲେ । ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରଣୟନ ଦିଗରେ ତାଙ୍କର ଅବଦାନ ସୁବିଦିତ । ୧୯୭୧ ପର୍ଯ୍ୟନ୍ତ ସେ ରାଜ୍ୟ ସଭାରେ ସଦସ୍ୟ ଥିଲେ । ୧୯୬୯ ରେ ସେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କମିଟି ଏବଂ ୧୯୭୦ରେ ପାର୍ଲିଆମେଣ୍ଟ ପବ୍ଲିକ୍ ଆକାଉଣ୍ଟସ୍ କମିଟିର ସଦସ୍ୟ ଥିଲେ । ରାଜାରାଜୁଡ଼ାଙ୍କ ଭତ୍ତାକାଟ ପାଇଁ ସେ ଯେଉଁ ପ୍ରସ୍ତାବ ଆଗତ କରିଥିଲେ, ତାହା ରାଜ୍ୟସଭାରେ

ଗୃହୀତ ହୋଇଥିଲା ଏବଂ ତଦନୁଯାୟୀ ଏ ସଂକ୍ରାନ୍ତ ବିଲ୍ ପାର୍ଲିଆମେଣ୍ଟରେ ଉପସ୍ଥାପିତ କରାଯାଇଥିଲା । ବ୍ୟାଙ୍କ ଜାତୀୟ କରଣ ପାଇଁ ତାଙ୍କ ଦ୍ୱାରା ଆଗତ ପ୍ରସ୍ତାବ ମଧ୍ୟ ରାଜ୍ୟସଭାରେ ଆଲୋଚିତ ହୋଇଥିଲା ।

ସାମ୍ବାଦିକତା କ୍ଷେତ୍ରରେ ଶ୍ରୀ ଦାସଙ୍କର ଯଥେଷ୍ଟ ଖ୍ୟାତି ରହିଛି । ସେ ୧୯୬୧ ରୁ ୧୯୬୬ ପର୍ଯ୍ୟନ୍ତ ଓଡ଼ିଆ ସାପ୍ତାହିକ 'କୃଷକ'ର ସମ୍ପାଦକ ଥିଲେ । ବହୁ ରାଜନୀତିକ ଓ ଆର୍ଥନୀତିକ ଘଟଣାବଳୀ ସମ୍ପର୍କରେ ସେ ଅନେକ ପ୍ରବନ୍ଧ ଲେଖିଛନ୍ତି । ତାଙ୍କ ରଚିତ 'ଭାରତୀୟ ଅର୍ଥନୀତି ଓ ସମାଜବାଦ' ଏବଂ "ପୃଥିବୀ ପରିକ୍ରମା" ନାମକ ପୁସ୍ତକ ଦ୍ୱୟ ବିଶେଷ ଆଦୃତ ହୋଇଛି । "ଦି ଇକନମିକ୍ସ ଟାଇମ୍ସ" ପତ୍ରିକାର ପ୍ରତିନିଧିଭାବେ ସେ ମଧ୍ୟ କାର୍ଯ୍ୟ କରିଥିଲେ ।

ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ସେ ସଦାସର୍ବଦା ଲଢ଼େଇ କରି ଆସିଛନ୍ତି । ସମାଜର ଦୁଃସ୍ଥ ଓ ନିପୀଡ଼ିତ ଲୋକଙ୍କ କଲ୍ୟାଣ ଦିଗରେ ତାଙ୍କର ଅବଦାନ ସୁବିଦିତ ।

ଶ୍ରୀ ଦାସ ଆମେରିକା, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ଯୁଗୋସ୍ଲାଭିଆ, ଇଟାଲି, ମିଶର, ଗ୍ରୀସ୍, ଇଜରାଏଲ, ଅଷ୍ଟ୍ରେଲିଆ, ଲେବାନନ୍, ସୁଇଜରଲାଣ୍ଡ ଓ ଜାପାନ ପ୍ରଭୃତି ପୃଥିବୀର ବହୁ ଦେଶ ପରିଭ୍ରମଣ କରିଛନ୍ତି ।

ଅଭିରୁଚି : ରାଜନୀତି ଓ ସମାଜସେବା

୧୯୭୭ ରେ କଂଗ୍ରେସ ସହିତ ପ୍ରଜା ସମାଜବାଦୀ ଦଳର ମିଶ୍ରଣରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ ।

୧୯୭୨ ମସିହା ମଧ୍ୟାବଧିକାଳୀନ ନିର୍ବାଚନରେ ସେ ଧର୍ମଶାଳା ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ । ଶ୍ରୀମତୀ ଶତପଥୀଙ୍କ ଦ୍ୱାରା ଗଠିତ ଉକ୍ତ ମନ୍ତ୍ରିମଣ୍ଡଳରେ ଶ୍ରୀ ଦାସ ଅର୍ଥ, ବାଣିଜ୍ୟ, ଯୋଜନା ଓ ସମନ୍ୱୟ ଦାୟିତ୍ୱରେ ଥିଲେ

ଧର୍ମଶାଳା ନିର୍ବାଚନ ମଣ୍ଡଳୀରୁ ସେ ପୁନର୍ବାର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି ।

---



# ଶ୍ରୀ ଯଦୁନାଥ ଦାଶ ମହାପାତ୍ର

ଶ୍ରୀ ଦାଶ ମହାପାତ୍ର ବାଲେଶ୍ୱର ଓକିଲ ସଂଘର ଜଣେ ବିଶିଷ୍ଟ ଆଇନଜୀବୀ ଥିଲେ । ଉଚ୍ଚକୋଟିର ଲେଖକ ଓ ସାମାଜିକ ହିସାବରେ ମଧ୍ୟ ତାଙ୍କର ସୁଖ୍ୟାତି ରହିଛି । ଉପନ୍ୟାସ, ନାଟକ, କ୍ଷୁଦ୍ରଗଳ୍ପ ଓ ଏକାଙ୍କିକା ସମେତ ବହୁ ଓଡ଼ିଆ ପୁସ୍ତକ ସେ ରଚନା କରିଛନ୍ତି ।

ବାଲେଶ୍ୱର ଜିଲ୍ଲାର ସୋର ଥାନା ଅନ୍ତର୍ଗତ କୁଟେଇ ଗ୍ରାମରେ ୧୯୨୯ ମସିହାରେ ଶ୍ରୀ ଦାଶ ମହାପାତ୍ରଙ୍କର ଜନ୍ମ । ଶୈଶବ ଅବସ୍ଥାରେ ସେ ତାଙ୍କର ପିତାମାତାଙ୍କୁ ହରାଇଥିଲେ । ସୋର ସତ୍ୟାନନ୍ଦ ହାଇସ୍କୁଲରୁ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ବାଲେଶ୍ୱର ଫକୀର ମୋହନ କଲେଜରୁ ଆଇ. ଏ. ଏବଂ ରେଭେନ୍ସା କଲେଜରୁ ଅନର୍ସସହ ବି. ଏ. ପାଶ କରିଥିଲେ ଏବଂ ପରେ ୧୯୫୧ ରେ କଲିକତା ବିଶ୍ୱବିଦ୍ୟାଳୟରୁ ଏଲ୍. ଏଲ୍. ବି. ପାଶ୍ କରିଥିଲେ ।

ସେ ଜଣେ ପ୍ରବୀଣ ଛାତ୍ରନେତା ଓ କଲିକତାସ୍ଥିତ ଉତ୍କଳ ଛାତ୍ରସଂଘର ସଭାପତି ଥିଲେ । କଲିକତାରୁ ପ୍ରକାଶିତ ହେଉଥିବା ମାସିକ ସାହିତ୍ୟ ପତ୍ରିକା ''ଆସନ୍ତା କାଲି'ର ବି ସଂପାଦକ ଥିଲେ । ୧୯୬୨ରେ

ସେ କଂଗ୍ରେସରେ ଯୋଗଦେଇ ପ୍ରଥମେ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଂଗଠନ ସଂପାଦକ, ୧୯୬୪ରୁ ୧୯୬୭ ପର୍ଯ୍ୟନ୍ତ ସାଧାରଣ ସଂପାଦକ ଏବଂ ତାପରେ ୧୯୬୭ ରେ ସଭାପତି ରୂପେ ନିର୍ବାଚିତ ହୋଇଥିଲେ । କଂଗ୍ରେସ ବିଭାଜନ ପରେ ୧୯୭୦ ରେ ସେ ବାଲେଶ୍ୱର ଜିଲ୍ଲା ଶାସକ କଂଗ୍ରେସର ସଭାପତି ହୋଇଥିଲେ । ଗତ ମଧ୍ୟବର୍ତ୍ତୀ କାଳୀନ ନିର୍ବାଚନରେ ବାଲେଶ୍ୱର ଜିଲ୍ଲା ସୋର ନିର୍ବାଚନ ମଣ୍ଡଳୀରୁ ରାଜ୍ୟ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ ଏବଂ ୧୯୭୨ ମସିହାରେ ଶ୍ରୀ ବିଶ୍ୱନାଥ ଦାଶଙ୍କ ନେତୃତ୍ୱରେ ଗଠିତ ମନ୍ତ୍ରିମଣ୍ଡଳରେ ଉପମନ୍ତ୍ରୀ ରୂପେ ଯୋଗ ଦେଇଥିଲେ । ଗତ ଫେବୃଆରୀ ମାସରେ ହୋଇଥିବା ନିର୍ବାଚନରେ ସୋର ନିର୍ବାଚନ ମଣ୍ଡଳୀରୁ ରାଜ୍ୟ ବିଧାନ ସଭାକୁ ପୁନଃନିର୍ବାଚିତ ହୋଇଛନ୍ତି ।

ତାଙ୍କ ରଚନାବଳୀ .—ଉପନ୍ୟାସ--ଗ୍ରାମ୍ୟ ନଦୀର ତୀରେ; ମଣିଷ ରାଜ୍ୟର ପଶୁ, ପ୍ରେମର ପ୍ରଥମ ସମ୍ବୋଧନ, ବିରାଣିକା, ପ୍ରଳୟ ପୟୋଧି ଜଳେ, ମୃତ ବନ୍ଦରର ଇତିକଥା ।

କବିତା--ସାର୍ଥକ କବିତା ଆଲୋଚନା ।

ନାଟକ--ପରଶମଣି, ସ୍ୱର୍ଣ୍ଣ ମନ୍ଦିର, ସଂଗ୍ରାମ, ଭୁଲି ହୁଏନା, କ୍ଷମା କରିଦେବି, ରାତ୍ରିଗୋ ତୁମେ କଥା କୁହ । ଏହି ନାଟକଗୁଡ଼ିକ ମଧ୍ୟରୁ ଅଧିକାଂଶ ନାଟକ ଅନ୍ନପୂର୍ଣ୍ଣା ଥିଏଟର ସମେତ ବିଭିନ୍ନ ପେଶାଦାର ନାଟ୍ୟସଂସ୍ଥା ଦ୍ୱାରା ସଫଳତାର ସହ ମଞ୍ଚସ୍ଥ ହୋଇଛି ।

ନିଜର ଅମାୟିକ ବ୍ୟବହାର ଯୋଗୁଁ ଶ୍ରୀ ଦାଶ ମହାପାତ୍ର ବନ୍ଧୁ ମହଲରେ ବିଶେଷ ଶ୍ରଦ୍ଧାଭାଜନ ହୋଇ-ପାରିଛନ୍ତି ।

———



# ଶ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀ

ସମ୍ବଲପୁର ଜିଲ୍ଲା ବରଗାଁ ଗ୍ରାମରେ ୧୯୪୦ ସେପ୍ଟେମ୍ବର ୨ ତାରିଖରେ ଶ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ଜନ୍ମ । ଊନବିଂଶ ଶତାବ୍ଦୀର ବିଶିଷ୍ଟ ଜାତୀୟତାବାଦୀ ତଥା ବିପ୍ଳବୀ ନେତା ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥଳୀ ରୂପେ ଉକ୍ତ ଗ୍ରାମଟି ଖ୍ୟାତି ଲାଭ କରିଛି ।

ଛାତ୍ର ଜୀବନରେ ଶ୍ରୀ ପାଣିଗ୍ରାହୀ ବିଭିନ୍ନ ସାମାଜିକ, ସାଂସ୍କୃତିକ ତଥା ରଚନାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ବିଶିଷ୍ଟ ଯୁବନେତା ଓ ସ୍ୱେଚ୍ଛାସେବୀ ଭାବେ ସୁପରିଚିତ ଥିଲେ । ଗଙ୍ଗାଧର ମେହେର କଲେଜ ଛାତ୍ର ସଂସଦର ସେ ସଭାପତି ଥିଲେ । ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ସମ୍ବଲପୁର ଆଇନ କଲେଜ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିଗରେ ତାଙ୍କର ଅବଦାନ ବିଶେଷ ଉଲ୍ଲେଖଯୋଗ୍ୟ । ସମ୍ବଲପୁର ଜିଲ୍ଲା ଯୁବ କଂଗ୍ରେସର ସେ ହେଉଛନ୍ତି ପ୍ରତିଷ୍ଠାତା । ସମ୍ବଲପୁର ବିଶ୍ୱବିଦ୍ୟାଳୟ ସିଣ୍ଡିକେଟର ମଧ୍ୟ ସେ ଜଣେ ସକ୍ରିୟ ସଦସ୍ୟ ।

ଅନ୍ୟାୟ, ଅତ୍ୟାଚାର, ଦୁର୍ନୀତି ଓ ଶୋଷଣ ବିରୁଦ୍ଧରେ ଶ୍ରୀ ପାଣିଗ୍ରାହୀ ସଦାସର୍ବଦା ସଂଗ୍ରାମ କରିଆସିଛନ୍ତି । ୧୯୬୭ ମସିହା ପରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ଦିଗରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଶ୍ରୀ ପାଣିଗ୍ରାହୀ ସମ୍ବଲପୁର ନିର୍ବାଚନ ମଣ୍ଡଳୀରୁ ୧୯୭୧ ମସିହାରେ ରାଜ୍ୟ ବିଧାନ ସଭାକୁ ନିର୍ବାଚିତ ହୋଇ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ନେତୃତ୍ୱରେ ଗଠିତ ମନ୍ତ୍ରୀମଣ୍ଡଳରେ କ୍ୟାବିନେଟ୍ ମନ୍ତ୍ରୀ ରୂପେ ଯୋଗଦେଇଥିଲେ ।

ଗତ ନିର୍ବାଚନରେ ଶ୍ରୀ ପାଣିଗ୍ରାହୀ କଂଗ୍ରେସ ପ୍ରାର୍ଥୀ ରୂପେ ସମ୍ବଲପୁର ନିର୍ବାଚନ ମଣ୍ଡଳୀରୁ ରାଜ୍ୟ ବିଧାନ ସଭାକୁ ପୁନଃନିର୍ବାଚିତ ହୋଇଛନ୍ତି ।



# ଶ୍ରୀ ଲକ୍ଷ୍ମଣ ମଲ୍ଲିକ

ଶ୍ରୀ ମଲ୍ଲିକ ୧୯୨୮ ମସିହାରେ କଟକ ଜିଲ୍ଲା ଜଗତସିଂହପୁର ଥାନା ଅନ୍ତର୍ଗତ ବଡ଼ ଖଣ୍ଡେଇତା ଗ୍ରାମର ଏକ ତପସିଲ-ଭୁକ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ସେ ୧୯୫୭ ଏବଂ ୧୯୬୨ ମସିହାରେ କଟକ ସଦର ନିର୍ବାଚନ ମଣ୍ଡଳୀରୁ ରାଜ୍ୟ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୭୧ ମସିହାରେ ସେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀରୁ ମଧ୍ୟ ନିର୍ବାଚିତ ହୋଇଥିଲେ ।

ଲେଖାଲେଖି ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକଳାପ ତଥା ସମାଜ ସେବା କାର୍ଯ୍ୟରେ ଶ୍ରୀ ମଲ୍ଲିକଙ୍କର ବିଶେଷ ଆଗ୍ରହ ରହିଛି ।

ରାଜନୀତିକ ଓ ଅନ୍ୟାନ୍ୟ କାର୍ଯ୍ୟ--ବିଦ୍ୟାଳୟରେ ଅଧ୍ୟୟନ ସମୟରେ ସେ "ଭାରତ ଛାଡ଼" ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ୧୯୫୭ ମସିହାରୁ ୧୯୫୯ ମସିହା ପର୍ଯ୍ୟନ୍ତ ଦୀର୍ଘଦିନ ଧରି ସେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ ଥିଲେ । ୧୯୫୮ ମସିହାରୁ ୧୯୬୩ ମସିହା ପର୍ଯ୍ୟନ୍ତ ଓଡ଼ିଶା ଦଳିତ ଜାତିସଂଘର ସହକାରୀ ସଂପାଦକ ଓ ୧୯୬୩ ମସିହା ଠାରୁ ଓଡ଼ିଶା ଦଳିତ ଜାତିସଂଘର ସାଧାରଣ ସମ୍ପାଦକ ରୂପେ କାର୍ଯ୍ୟ କରୁଥିଲେ । ଶିକ୍ଷାନୁଷ୍ଠାନ ସଂଗଠନ ଦିଗରେ ତାଙ୍କର ବିଶେଷ ଆଗ୍ରହ ରହିଛି । ସେ ବିଭିନ୍ନ ସ୍କୁଲ ଓ କଲେଜର ଉପଦେଷ୍ଟା କମିଟିର ସଭ୍ୟ ଅଛନ୍ତି ।

୧୯୭୨ ମସିହାରେ ଶ୍ରୀମତୀ ଶତପଥୀଙ୍କ ନେତୃତ୍ୱରେ ଗଠିତ କଂଗ୍ରେସ ମନ୍ତ୍ରୀମଣ୍ଡଳରେ କ୍ୟାବିନେଟ୍ ମନ୍ତ୍ରୀ ରୂପେ ଶ୍ରୀ ମଲ୍ଲିକ ପୂର୍ତ୍ତ ଓ ପରିବହନ, ଅବକାରୀ ଏବଂ ଗ୍ରାମଗୋଷ୍ଠୀ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ଦାୟିତ୍ୱରେ ଥିଲେ । ସେ ବର୍ତ୍ତମାନ କଟକ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଅଛନ୍ତି ।

ସମାଜର ନିଷ୍ପେଷିତ ତଥା ଅବହେଳିତ ଗୋଷ୍ଠୀର କଲ୍ୟାଣ ଦିଗରେ ସେ ସଦାସର୍ବଦା ନିଜକୁ ଉତ୍ସର୍ଗ କରିଆସିଛନ୍ତି ।

ନିକଟରେ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଶ୍ରୀ ମଲ୍ଲିକ ଜଗତସିଂହପୁର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ରୂପେ ରାଜ୍ୟ ବିଧାନ ସଭାକୁ ପୁନଃନିର୍ବାଚିତ ହୋଇଛନ୍ତି ।



# ପଦ୍ମଶ୍ରୀ ମୋହନ ନାୟକ

ଶ୍ରୀ ମୋହନ ନାୟକ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରର ଧନମେରା ମେହେନ୍ତର ବସ୍ତିରେ ୧୯୨୧ ମସିହା ଜୁନ ୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ।

ଶ୍ରୀ ନାୟକ ୧୯୩୬ ମସିହାରେ କଂଗ୍ରେସରେ ଯୋଗଦେଇଥିଲେ । ସତ୍ୟାଗ୍ରହରେ ଭାଗ ନେଇ ସେ ୧୯୪୦ ଓ ୧୯୪୧ ମସିହାରେ କାରବରଣ କରିଥିଲେ ଏବଂ ପୁନର୍ବାର ଭାରତଛାଡ଼ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ୧୯୪୨ ରୁ ୧୯୪୫ ମସିହା ପର୍ଯ୍ୟନ୍ତ ସେ କାରାବରଣ କରିଥିଲେ । ୧୯୪୮ ମସିହାରେ ସୁପ୍ରସିଦ୍ଧ ପୁରୀ ଶ୍ରୀମନ୍ଦିରରେ ପ୍ରବେଶ ପାଇଁ ଯେଉଁ ସତ୍ୟାଗ୍ରହ ହୋଇଥିଲା, ସେଥିରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଦରିଦ୍ର ଆଦିବାସୀ ଓ ହରିଜନ ସଂପ୍ରଦାୟର ଛାତ୍ରମାନଙ୍କ ଅଧ୍ୟୟନ ତଥା ଅସ୍ପୃଶ୍ୟତା ନିବାରଣ ପ୍ରଚାର କର୍ମୀଙ୍କୁ ତାଲିମ ଦେବା ଉଦ୍ଦେଶ୍ୟରେ ସେ ୧୯୫୩ ମସିହାରେ ନିମଖଣ୍ଡିଠାରେ ଠକ୍କର ବାପା ଆଶ୍ରମ ପ୍ରତିଷ୍ଠା କରିଥିଲେ । ପାର୍ଲାମେଣ୍ଟ ଓ ବିଧାନସଭାରୁ ସେ ପାଉଥିବା ଭତ୍ତାରୁ ବଳକା ଟଙ୍କା ଏହି ଅନୁଷ୍ଠାନକୁ ଦାନ କରୁଥିଲେ ।

ଶ୍ରୀ ନାୟକ ୧୯୩୮ ମସିହାରେ ଗଞ୍ଜାମ ଜିଲ୍ଲା ହରିଜନ ସେବକ ସଂଘର ସଦସ୍ୟ ହେଲେ । ସେ ୧୯୫୧ ରୁ ୧୯୫୬ ମସିହା ପର୍ଯ୍ୟନ୍ତ ବ୍ରହ୍ମପୁର ମ୍ୟୁନିସିପାଲିଟିର କାଉନସିଲର ଏବଂ ୧୯୪୬ରୁ ୧୯୫୩ ମସିହା ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲା ବୋର୍ଡ ସଦସ୍ୟ ଥିଲେ । ଶ୍ରୀ ନାୟକ ୧୯୫୭ରୁ ୧୯୬୭ ମସିହା ପର୍ଯ୍ୟନ୍ତ ପାର୍ଲାମେଣ୍ଟ (ଦ୍ୱିତୀୟ ଏବଂ ତୃତୀୟ ଲୋକସଭା)ର ସଦସ୍ୟ ଥିଲେ ।

୧୯୫୩ ମସିହାରେ ଶ୍ରୀ ନାୟକ ବ୍ରହ୍ମପୁର ନିର୍ବାଚନମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ନିର୍ବାଚନମଣ୍ଡଳୀରୁ ସେ ୧୯୬୭ ଏବଂ ୧୯୭୧ ମସିହାରେ ଦୁଇଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଗତ ସାଧାରଣ ନିର୍ବାଚନରେ ଶ୍ରୀ ନାୟକ ଗୋପାଳପୁର ନିର୍ବାଚନମଣ୍ଡଳୀରୁ ପୁନର୍ବାର ନିର୍ବାଚିତ ହୋଇଛନ୍ତି । ସେ ନୂଆଦିଲ୍ଲୀସ୍ଥିତ ହରିଜନ ସେବକ ସଂଘ (ନିଖିଳ ଭାରତୀୟ ଶାଖା) ର ମନୋନୀତ ସଭାପତି ଅଟନ୍ତି ।

ବର୍ତ୍ତମାନ ସେ ଉତ୍କଳ ପ୍ରଦେଶ କଂଗ୍ରେସ ଆଡ଼ହକ କମିଟିର ଉପ-ସଭାପତି ଅଟନ୍ତି ।

ଶ୍ରୀ ନାୟକଙ୍କ ନିଃସ୍ୱାର୍ଥପର ସମାଜସେବା ନିମନ୍ତେ ଭାରତର ରାଷ୍ଟ୍ରପତି ୧୯୭୦ ମସିହା ଗଣତନ୍ତ୍ର ଦିବସରେ ତାଙ୍କୁ ପଦ୍ମଶ୍ରୀ ଉପାଧି ପ୍ରଦାନ କରିଥିଲେ ।

ସମାଜରୁ ଅସ୍ପୃଶ୍ୟତା ଦୂର କରିବା ନିମନ୍ତେ "ସେବକ" ନାମକ ଏକ ମାସିକ ପତ୍ରିକା ୧୯୪୮ ମସିହାରୁ ଧାରାବାହିକଭାବେ ସେ ପ୍ରକାଶ କରିଆସୁଅଛନ୍ତି ।

ଅସ୍ପୃଶ୍ୟତା ସମ୍ପର୍କରେ ପୁସ୍ତକ ତଥା ନାଟକ ଲେଖିବା, ସଙ୍ଗୀତ, କୃଷି, ବାଡ଼ିବଗିଚାକାମ ଓ ସମାଜସେବା କରିବା ଦିଗରେ ସେ ଅତ୍ୟନ୍ତ ଆଗ୍ରହୀ ।

----



## ଶ୍ରୀ ସୋମନାଥ ରଥ

ଗଞ୍ଜାମ ଜିଲ୍ଲାର ବଡ଼ଗଡ଼ ଗ୍ରାମରେ ୧୯୨୪ ମସିହାରେ ଶ୍ରୀ ରଥଙ୍କ ଜନ୍ମ । ଜଣେ ବିଶିଷ୍ଟ ଆଇନଜୀବୀ ଭାବରେ ସେ ବିଶେଷ ଖ୍ୟାତି ଅର୍ଜନ କରିଛନ୍ତି । ଓଡ଼ିଶା ଭୂ-ଉନ୍ନୟନ ବ୍ୟାଙ୍କ୍, ଓଡ଼ିଶା ଆପେକ୍ସ ସୋସାଇଟି ଏବଂ ଓଡ଼ିଶା ସମବାୟ ଇଉନିୟନର ଡାଇରେକ୍ଟରଭାବେ ସେ ରାଜ୍ୟର ସମବାୟ ଆନ୍ଦୋଳନ ସହିତ ସକ୍ରିୟ ଭାବେ ଜଡ଼ିତ ଥିଲେ । ଶ୍ରୀ ରଥ ଭଞ୍ଜନଗର ଆଞ୍ଚଳିକ ସମବାୟ ବାଣିଜ୍ୟ ସମିତିର ମଧ୍ୟ ସଭାପତି ଥିଲେ । ଛାତ୍ରାବସ୍ଥାରୁ ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକଳାପ ପ୍ରତି ତାଙ୍କର ବିଶେଷ ଆଗ୍ରହ ରହିଛି ଓ ଦୀର୍ଘଦିନଧରି ଭଞ୍ଜ ସାହିତ୍ୟ ପରିଷଦର ସଭାପତି ରୂପେ କାର୍ଯ୍ୟ କରିଥିଲେ ।

ଛାତ୍ରାବସ୍ଥାରେ ମଧ୍ୟ ଶ୍ରୀ ରଥ ସ୍ୱାଧୀନତା ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ । ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିନେଟ୍‌ର ସଭ୍ୟ ଥିଲେ ।

ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ନେତୃତ୍ୱରେ ଗଠିତ ଗତ ମନ୍ତ୍ରିମଣ୍ଡଳରେ ଶ୍ରୀରଥ ରାଷ୍ଟ୍ରମନ୍ତ୍ରୀ ଥିଲେ ।

ଗତ ଫେବୃଆରୀ ମାସରେ ଅନୁଷ୍ଠିତ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ସେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରୁ ରାଜ୍ୟ ବିଧାନ ସଭାକୁ ପୁନର୍ବାର ନିର୍ବାଚିତ ହୋଇଛନ୍ତି ।



## ଶ୍ରୀ ରାମଚନ୍ଦ୍ର ଉଲ୍‌କା

ଶ୍ରୀ ରାମଚନ୍ଦ୍ର ଉଲ୍‌କା ୧୯୩୪ ଜୁଲାଇ ପହିଲାରେ କୋରାପୁଟ ଜିଲା ଅମାଦୋଲା ଗ୍ରାମର ଝଡାପୁ ସଂପ୍ରଦାୟର ଏକ ଆଦିବାସୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ଖଲିକୋଟ କଲେଜରୁ ବିଜ୍ଞାନରେ ଉପାଧିଲାଭ କରି ଶ୍ରୀ ଉଲ୍‌କା ଓଡ଼ିଶା ଏକାଉଂଟାଣ୍ଟ-ଜେନେରାଲଙ୍କ କାର୍ଯ୍ୟାଳୟରେ ୧୯୫୮ରୁ ୧୯୬୨ ମସିହା ପର୍ଯ୍ୟନ୍ତ ଚାକିରି କରୁଥିଲେ । ୧୯୬୨ ମସିହାରେ ସେ ରାଜନୀତିରେ ଯୋଗଦେଇ ସେହିବର୍ଷ କଂଗ୍ରେସ ପ୍ରାର୍ଥୀ ଭାବେ କୋରାପୁଟ ଲୋକସଭା ନିର୍ବାଚନ ମଣ୍ଡଳୀରୁ ପାର୍ଲିଆମେଣ୍ଟକୁ ନିର୍ବାଚିତ ହୋଇଥିଲେ । ସେ ପୁନର୍ବାର ୧୯୬୭ ମସିହାରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ଗତ ଫେବୃଆରୀ ମାସ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀରୂପେ ସେ କୋରାପୁଟ ଜିଲାର ରାୟଗଡ଼ା ନିର୍ବାଚନ ମଣ୍ଡଳୀରୁ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ରାୟଗଡ଼ା ସବ୍‌ଡିଭିଜନର କୃଷି ଶ୍ରମିକ ଆନ୍ଦୋଳନ ସହିତ ଶ୍ରୀ ଉଲ୍‌କା ଘନିଷ୍ଠ ଭାବେ ସଂଶ୍ଳିଷ୍ଟ ।

ପାର୍ଲିଆମେଣ୍ଟ ସଦସ୍ୟ ଥିବା ସମୟରେ ଶ୍ରୀ ଉଲ୍‌କା ୧୯୬୩ ରୁ ୧୯୬୫ ମସିହା ପର୍ଯ୍ୟନ୍ତ ଏଷ୍ଟିମେଟ୍ସ କମିଟି ଓ ୧୯୬୮ ରୁ ୧୯୭୦ ମସିହା ପର୍ଯ୍ୟନ୍ତ ଆଦିବାସୀ ଏବଂ ହରିଜନମାନଙ୍କ କଲ୍ୟାଣ ସାଧନ ପାଇଁ ଉଦ୍ଦିଷ୍ଟ ପାର୍ଲିଆମେଣ୍ଟାରୀ କମିଟିର ସଭ୍ୟ ଥିଲେ । ଏହାଛଡ଼ା ପାର୍ଲିଆମେଣ୍ଟର ବିଭିନ୍ନ ପରାମର୍ଶଦାତା କମିଟିରେ ମଧ୍ୟ ସେ ସଭ୍ୟ ରହିଥିଲେ ।



## ଶ୍ରୀ ବ୍ରହ୍ମାନନ୍ଦ ବିଶ୍ୱାଳ

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସବ୍‌ଡିଭିଜନର ବଡ଼ ସୁଆଁଳୋ ଗ୍ରାମରେ ୧୯୩୫ ମସିହାରେ ଶ୍ରୀ ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ଜନ୍ମ । ୧୯୬୧ ମସିହାରେ ଆଇନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଶ୍ରୀ ବିଶ୍ୱାଳ ଓକିଲାତି ଆରମ୍ଭ କରିଥିଲେ ।

ଶ୍ରୀ ବିଶ୍ୱାଳ ୧୯୬୧ ମସିହା ପରଠାରୁ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ୧୯୭୧ ମସିହାରେ ସେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରୁ ରାଜ୍ୟ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ଗତ ନିର୍ବାଚନରେ ଶ୍ରୀ ବିଶ୍ୱାଳ ଏହି ନିର୍ବାଚନ ମଣ୍ଡଳୀରୁ ସର୍ବାଧିକ ସଂଖ୍ୟକ ଅର୍ଥାତ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୨୩,୧୩୭ ଅଧିକା ଭୋଟ ପାଇ ରାଜ୍ୟ ବିଧାନ ସଭାକୁ ପୁନର୍ବାର ନିର୍ବାଚିତ ହୋଇଛନ୍ତି । ଏଷ୍ଟିମେଟସ୍ କମିଟି, ପରେଣ୍ଟ ସିଲେକ୍ଟ କମିଟି ତଥା ସ୍ୱଳ୍ପ ସଞ୍ଚୟ ଉପଦେଷ୍ଟା ବୋର୍ଡ ଆଦି ବିଭିନ୍ନ କମିଟିର ସଦସ୍ୟ ରୂପେ ସେ ଅଶେଷ ଦକ୍ଷତା ହାସଲ କରିଛନ୍ତି । ୧୯୭୨ ରୁ ସେ ଢେଙ୍କାନାଳ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଅଛନ୍ତି ।

# ଶ୍ରୀ ଦିବ୍ୟଲୋଚନ ଶେଖର ଦେଓ



ଶ୍ରୀ ଦିବ୍ୟଲୋଚନ ଶେଖର ଦେଓ ୧୯୨୩ ସେପ୍ଟେମ୍ବର ୧୯ ତାରିଖରେ ସୁନ୍ଦରଗଡ଼ ଜିଲାର ମଞ୍ଜାପଡ଼ା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ଶ୍ରୀ ଦେଓ ହେଉଛନ୍ତି ଊନବିଂଶ ଶତାବ୍ଦୀର ଓଡ଼ିଶାର ମହାନ ଜାତୀୟବାଦୀ ନେତା ତଥା ବିପ୍ଳବୀ ସ୍ୱର୍ଗତଃ ବୀର ସୁରେନ୍ଦ୍ର ସାଏଙ୍କ ପୌତ୍ରୀଙ୍କ ପୌତ୍ର ।

ରାଜ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ଶ୍ରୀ ଦେଓ ଗଡ଼ଜାତ ମିଶ୍ରଣ ପୂର୍ବରୁ ପ୍ରଜାମଣ୍ଡଳ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ୧୯୪୭ ମସିହାରେ ତତ୍କାଳୀନ ଦରବାର ସରକାର ତାଙ୍କୁ ସବ୍‌ଡେପୁଟି କଲେକ୍ଟର ପଦ ପ୍ରଦାନ କରିଥିଲେ ମଧ୍ୟ ସେ ତାହା ପ୍ରତ୍ୟାଖ୍ୟାନ କରିଥିଲେ ଓ ନିଜ ଅଞ୍ଚଳରେ ଶିକ୍ଷାର ପ୍ରସାର ଉଦ୍ଦେଶ୍ୟରେ ସ୍ଥାନୀୟ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ୨ ବର୍ଷ ପର୍ଯ୍ୟନ୍ତ ସେଚ୍ଛାକୃତଭାବେ ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟ କରିଥିଲେ । ସେ ୧୯୫୧ ମସିହାରେ ସକ୍ରିୟ ସଭ୍ୟରୂପେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ ଓ ୧୯୫୧ ରୁ ୧୯୬୭ ପର୍ଯ୍ୟନ୍ତ ଧାରୁଆଡ଼ିହି ମଣ୍ଡଳ କଂଗ୍ରେସର ସଭାପତି ଥିଲେ । ସେ ୧୯୬୭ରେ ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟିର ସଭାପତି ଭାବେ ନିର୍ବାଚିତ ହେଲେ ଏବଂ ୧୯୭୧ ଜାନୁଆରୀ ମାସରେ ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟିର ଆବାହକ ଦାୟିତ୍ୱ ଗ୍ରହଣ କଲା ପର୍ଯ୍ୟନ୍ତ ଜିଲା କଂଗ୍ରେସ କମିଟିର ସଭାପତି ରହିଥିଲେ ।

ଏହା ପୂର୍ବରୁ ସେ ସୁନ୍ଦରଗଡ଼ ବ୍ଲକ୍ ଉପଦେଷ୍ଟା କମିଟିର ସଦସ୍ୟ ଥିଲେ ଏବଂ ୧୯୫୪ ରୁ ୧୯୬୨ ପର୍ଯ୍ୟନ୍ତ ତିନିଥର ବିନା ପ୍ରତିଦ୍ୱନ୍ଦ୍ୱିତାରେ ମଞ୍ଜାପଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ନିର୍ବାଚିତ ହୋଇଥିଲେ ।

ସେ ୧୯୫୫ ମସିହା ସେପ୍ଟମ୍ବର ମାସରେ ଦାର୍ଜିଲିଂରେ ଅନୁଷ୍ଠିତ ଗୋଷ୍ଠୀ ଉନ୍ନୟନ ଆଲୋଚନା ଚକ୍ରର ପ୍ରଥମ ଅନ୍ତଃରାଜ୍ୟ ଆଞ୍ଚଳିକ ସମ୍ମିଳନୀରେ ଯୋଗଦେବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିଲେ ।

ସୁନ୍ଦରଗଡ଼ ପଞ୍ଚାୟତ ସମିତିର ସେ ଚେୟାରମ୍ୟାନରୂପେ ନିର୍ବାଚିତ ହୋଇଥିଲେ (୧୯୫୧ ରୁ ୧୯୬୭) । ଚେୟାରମ୍ୟାନ ଭାବେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ବ୍ଲକ ଉନ୍ନୟନ କାର୍ଯ୍ୟକ୍ରମ ବିଶେଷକରି ତତ୍କାଳୀନ ପୁରସ୍କାର ପ୍ରତିଯୋଗିତା ପରିକଳ୍ପନା ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରିଥିଲା ।

୧୯୫୫ ମସିହାରେ ଭାରତ କୃଷକ ସମାଜର ପ୍ରାରମ୍ଭକାଳରୁ ଶ୍ରୀ ଦେଓ ଏହାର ଆଜୀବନ ସଭ୍ୟ ରହିଛନ୍ତି । ୧୯୫୭ଠାରୁ ସେ ଅଖିଳ ଭାରତ କୃଷକ ପରିଷଦର ମଧ୍ୟ ସଭ୍ୟ ଅଛନ୍ତି । ଓଡ଼ିଶାରୁ ପ୍ରତିନିଧିଭାବେ ଏହି ପରିଷଦର ବହୁ ଅଧିବେଶନରେ ଶ୍ରୀ ଦେଓ ଯୋଗଦାନ କରିଛନ୍ତି । କଲମ୍ବୋ ଯୋଜନା ଅନୁଯାୟୀ କୃଷକ ବିନିମୟ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ୧୯୫୬ ମସିହାରେ ଶ୍ରୀ ଦେଓ କୃଷି ସମ୍ପର୍କରେ ତାଲିମ ପାଇବା ସକାଶେ ଅଷ୍ଟ୍ରେଲିଆ ଯିବା ପାଇଁ ମନୋନୀତ ହୋଇଥିଲେ । ଓଡ଼ିଶା ଶାଖା ଭାରତ କୃଷକ ସମାଜ କାର୍ଯ୍ୟ ନିର୍ବାହିକା କମିଟିର ସେ ସଦସ୍ୟ ଅଛନ୍ତି । ଓଡ଼ିଶାରେ ସମବାୟ ଆନ୍ଦୋଳନ ସହିତ ବି ସେ ଘନିଷ୍ଠଭାବେ ଜଡ଼ିତ ।

ଶ୍ରୀ ଦେଓ ୧୯୭୧ ନିର୍ବାଚନରେ ସୁନ୍ଦରଗଡ଼ ( ସାଧାରଣ ) ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ ଏବଂ ୧୯୭୩ ମାର୍ଚ୍ଚରେ ଓଡ଼ିଶା ବିଧାନସଭା ଭାଙ୍ଗିବା ପର୍ଯ୍ୟନ୍ତ ଏହାର ସଦସ୍ୟ ଥିଲେ । ଏବେ ନିକଟରେ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଶ୍ରୀ ଦେଓ ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀରୁ ପୁନର୍ବାର ନିର୍ବାଚିତ ହୋଇଛନ୍ତି । ସେ ପ୍ରାକ୍କଳନ କମିଟିର ଅଧ୍ୟକ୍ଷ, ରାଜ୍ୟ ସ୍ୱଳ୍ପ ସଞ୍ଚୟ ଉପଦେଷ୍ଟା ବୋର୍ଡର ସଦସ୍ୟ ଏବଂ ଓଡ଼ିଶା ନଦୀ ଯୋଜନା ବୋର୍ଡର ସଦସ୍ୟ ଥିଲେ ।

ଅଭିରୁଚି—ବଗିଚା ଅଧ୍ୟୟନ ଓ ସଙ୍ଗୀତ

ସାମାଜିକ କାର୍ଯ୍ୟକ୍ରମ—ଯୁବ କାର୍ଯ୍ୟକ୍ରମ ସଙ୍ଗଠନ, ଅସ୍ପୃଶ୍ୟତା ଓ ନିଶା ନିବାରଣ ଭଳି ସାମାଜିକ ଅନ୍ୟାୟ ବିରୁଦ୍ଧରେ ଅଭିଯାନ ।

ସାଂସ୍କୃତିକ କାର୍ଯ୍ୟକଳାପ—ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶପାଇଁ ଲେଖା ପଠାଉଥାଆନ୍ତି । ଗ୍ରାମାଞ୍ଚଳରେ ପାଠାଗାର ସ୍ଥାପନ, ଗ୍ରାମାଞ୍ଚଳରୁ ନିରକ୍ଷରତା ଦୂର କରିବା ପାଇଁ ପ୍ରୌଢ଼ଶିକ୍ଷା କେନ୍ଦ୍ର ସ୍ଥାପନ ।

---



# ଡକ୍ଟର କୃପାସିନ୍ଧୁ ଭୋଇ

ଭାରତର ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ସମ୍ବଲପୁରର ଏକ ସୁପରିଚିତ ପରିବାରରେ ଶ୍ରୀ ଭୋଇଙ୍କର ଜନ୍ମ । ଜଣେ ଛାତ୍ରନେତା, ଡାକ୍ତର ତଥା ସମାଜସେବୀ ହିସାବରେ ସେ ପ୍ରତିଷ୍ଠା ଲାଭ କରିଛନ୍ତି ।

ପଦ୍ମପୁର ସବଡ଼ିଭିଜନର ତାମ୍ପର ଗ୍ରାମରେ ୧୯୪୨ ମସିହା ଅଗଷ୍ଟ ମାସ ୫ ତାରିଖ ଦିନ ଶ୍ରୀ ଭୋଇଙ୍କ ଜନ୍ମ । ୧୯୬୭ ମସିହାରେ ଏମ୍.ବି.ବି.ଏସ୍. ପାଶ କରି ପାଇକମାଳ ଡାକ୍ତରଖାନାରେ ସରକାରୀ ଡାକ୍ତର ଭାବେ ଯୋଗ ଦେଇଥିଲେ । ୧୯୭୧ ମସିହାରେ ସରକାରୀ ଚାକିରୀରୁ ଇସ୍ତଫା ଦେଇ ସମ୍ବଲପୁର ଜିଲ୍ଲାର ପଦ୍ମପୁର ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀରୂପେ ପ୍ରତିଦ୍ୱନ୍ଦ୍ୱିତା କରି ବହୁ ଭୋଟରେ ନିର୍ବାଚିତ ହୋଇଥିଲେ । ତାଙ୍କର ପିତା ସ୍ୱର୍ଗତ କୃତ୍ତିବାସ ଭୋଇ ଏବଂ ପିତାମହ ସ୍ୱର୍ଗତ ସତ୍ୟବାଦୀ ଭୋଇ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ସମାଜବାଦ ଏବଂ କଂଗ୍ରେସ ଦଳର ନୀତି ଓ ଆଦର୍ଶ ପ୍ରତି ଶ୍ରୀଯୁକ୍ତ ଭୋଇଙ୍କର ଦୃଢ଼ ଆସ୍ଥା ରହିଛି । ତାଙ୍କର ଅବସର ସମୟ ବିଭିନ୍ନ ଖେଳ ଓ ଲେଖା ଲେଖିରେ କଟିଥାଏ । ଡାକ୍ତର ଭାବରେ ସେ ତାଙ୍କର ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କର ଅଶେଷ ଉପକାର କରିଆସିଛନ୍ତି । ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କ ଉନ୍ନତି ନିମନ୍ତେ ଓ ପଦ୍ମପୁର-ପାଇକମାଳ ଅଞ୍ଚଳର ବିକାଶ ଲାଗି ଶ୍ରୀ ଭୋଇ ସର୍ବଦା ଉଦ୍ୟମ ଚଳାଇ ଆସିଛନ୍ତି ।

ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ନେତୃତ୍ୱରେ ଗଠିତ ଗତ ମନ୍ତ୍ରୀମଣ୍ଡଳରେ ଶ୍ରୀ ଭୋଇ ରାଷ୍ଟ୍ରମନ୍ତ୍ରୀ ରୂପେ ଗୋଷ୍ଠୀଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ଦାୟିତ୍ୱରେ ଥିଲେ ।

ଗତ ଫେବ୍ରୁଆରି ମାସରେ ଅନୁଷ୍ଠିତ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଶ୍ରୀ ଭୋଇ ପଦ୍ମପୁର ନିର୍ବାଚନ ମଣ୍ଡଳୀରୁ ପୁନର୍ବାର ନିର୍ବାଚିତ ହୋଇଛନ୍ତି ।



# ଡକ୍ଟର ବେଣୁଧର ବଳିଆରସିଂ

ପୁରୀ ଜିଲ୍ଲାର ଭଳଗଡ଼ା ଗ୍ରାମର ଏକ କୃଷକ ପରିବାରରେ ୧୯୨୮ ମସିହାରେ ଶ୍ରୀ ବଳିଆରସିଂଙ୍କର ଜନ୍ମ । ସେ ଓଳସିଙ୍ଗ ଖୋର୍ଦ୍ଧା ଉଚ୍ଚ ଇଂରାଜି ବିଦ୍ୟାଳୟରେ ଅଧ୍ୟୟନ କରି ୧୯୩୮ ମସିହାରେ ମାଟ୍ରିକୁଲେସନ ପରୀକ୍ଷାରେ କୃତକାର୍ଯ୍ୟ ହେଲାପରେ ମେଡିକାଲ ସ୍କୁଲରେ ଅଧ୍ୟୟନ କରି ୧୯୪୨ ମସିହାରେ କୃତିତ୍ୱରସହ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାପରେ ସେ ଭାରତଛାଡ଼ ଆନ୍ଦୋଳନରେ ଯୋଗଦାନ କରିଥିଲେ । ପରେ ଶ୍ରୀ ବଳିଆରସିଂ ଡାକ୍ତରି ବ୍ୟବସାୟ ସହିତ ସଂପୃକ୍ତ ରହି କଂଗ୍ରେସ କର୍ମୀ ରୂପେ କାର୍ଯ୍ୟ କରି ଆସୁଥିଲେ । ୧୯୬୨ ମସିହାରେ ସେ ରାଜ୍ୟ ମେଡ଼ିକାଲ ସେବାରେ ଯୋଗଦାନ କଲେ । ୧୯୬୬ ମସିହାରେ ସରକାରୀ ଚାକିରି ଛାଡ଼ି ୧୯୬୭ ମସିହାରେ କଂଗ୍ରେସ ପ୍ରାର୍ଥୀରୂପେ ପରୀଗ ମହାରାଜା ଗଜପତି ଶ୍ରୀ ବୀର କିଶୋର ଦେଓଙ୍କ ବିରୁଦ୍ଧରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରି ପରାଜିତ ହେଲେ । ୧୯୭୧ ମସିହାରେ କଂଗ୍ରେସ ପ୍ରାର୍ଥୀ ଭାବେ ୯,୦୦୦ ଅଧିକ ଭୋଟରେ ଉତ୍କଳ କଂଗ୍ରେସ ପ୍ରାର୍ଥୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ପରାଜିତ କରି ବିଧାନସଭାକୁ ନିର୍ବାଚିତ ହେଲେ । ଗତ ଫେବୃଆରୀରେ ଅନୁଷ୍ଠିତ ନିର୍ବାଚନରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରୁ ସେ ପୁନର୍ବାର ନିର୍ବାଚିତ ହୋଇଛନ୍ତି ।

କୃଷି ଓ ଜନସାଧାରଣଙ୍କର ସେବା କରିବା ଦିଗରେ ତାଙ୍କର ବିଶେଷ ଆଗ୍ରହ ରହିଛି ।



## ଶ୍ରୀ କାହ୍ନୁ ଚରଣ ଲେଙ୍କା

କଟକ ଜିଲାର ଅରଡା ଗ୍ରାମର ଏକ ଗରିବ କୃଷକ ପରିବାରରେ ୧୯୪୦ ମାର୍ଚ୍ଚ ୨ ତାରିଖରେ ଶ୍ରୀ ଲେଙ୍କାଙ୍କ ଜନ୍ମ । ରେଭେନ୍ସା କଲେଜରେ ଅଧ୍ୟୟନ କାଳରୁ ରାଜନୀତି ପ୍ରତି ସେ ବିଶେଷ ଆଗ୍ରହୀ ଥିଲେ । ୧୯୬୫ ମସିହାରେ ସେ ଉଭୟ ଏମ୍. ଏ. ଓ ଏଲ୍. ଏଲ୍. ବି., ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଛାତ୍ରାବସ୍ଥାରୁ ଶ୍ରୀ ଲେଙ୍କା ବିଭିନ୍ନ ଯୁବ ସଂଗଠନ ତଥା ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକଳାପରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ । ପରେ ସେ କଟକ ଜିଲା କଂଗ୍ରେସ କମିଟିର ସଦସ୍ୟ ହେଲେ । ୧୯୬୪ ମସିହା ପରଠାରୁ କଟକ ଜିଲା ଯୁବ କଂଗ୍ରେସର ସଭାପତି ଓ ୧୯୬୭ ମସିହାରେ ସେ ପ୍ରଦେଶ କଂଗ୍ରେସ କମିଟିର ସଦସ୍ୟ ହେଲେ । ଏହାପରେ କଟକ ଜିଲା କଂଗ୍ରେସ କମିଟିର ସାଧାରଣ ସଂପାଦକ ରୂପେ ନିର୍ବାଚିତ ହେଲେ ।

୧୯୭୧ ମସିହାରେ ଶ୍ରୀ ଲେଙ୍କା କଟକ ଜିଲାର ଚୌଦ୍ୱାର ନିର୍ବାଚନ ମଣ୍ଡଳୀରୁ ରାଜ୍ୟ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଓଡ଼ିଶାରେ କଂଗ୍ରେସ ସଂଗଠନକୁ ସମାଜବାଦ ଢାଞ୍ଚାରେ ନୂତନ ଆଭିମୁଖ୍ୟ ଦେବା ଦିଗରେ ଶ୍ରୀ ଲେଙ୍କା ହେଉଛନ୍ତି ଅନ୍ୟତମ ଅଗ୍ରଣୀ । ଉଦୀୟମାନ ରାଜନୀତିଜ୍ଞ ରୂପେ କେବଳ ନୁହଁନ୍ତି, ପ୍ରଗତିଶୀଳ ଚାଷୀ ରୂପେ ମଧ୍ୟ ଶ୍ରୀ ଲେଙ୍କା ବିଶେଷ ସୁପରିଚିତ । ଆଧୁନିକ ଉନ୍ନତ କୃଷି ପ୍ରଣାଳୀ ଅବଲମ୍ବନରେ ଶଙ୍କର ମକା ଓ ଯଅ ଉତ୍ପାଦନ କରିବା ଦିଗରେ ଶ୍ରୀ ଲେଙ୍କା ହେଉଛନ୍ତି ରାଜ୍ୟର ପ୍ରଥମ ଯୁବ ଚାଷୀ । ଭାରତ କୃଷକ ସମାଜର ଆଜୀବନ ସଭ୍ୟ ରୂପେ ସେ କୃଷକମାନଙ୍କୁ ଶିକ୍ଷିତ କରିବା ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଲୋଚନା ଚକ୍ରମାନ ଆୟୋଜନ କରିଥିଲେ ।

ଶ୍ରୀ ଲେଙ୍କା ସଂପ୍ରତି ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ ଦାୟିତ୍ୱରେ ଅଛନ୍ତି ଏବଂ ରାଜ୍ୟର ହରିଜନ ଓ ଆଦିବାସୀମାନଙ୍କର କଲ୍ୟାଣ ବିଧାନ ନିମନ୍ତେ ବିଶେଷ ଯତ୍ନଶୀଳ । ଭାରତୀୟ ଜାତୀୟ ଟ୍ରେଡ୍ ୟୁନିୟନ ଅଧୀନରେ ଥିବା ବହୁ ଶ୍ରମ ୟୁନିୟନର ମଧ୍ୟ ସେ ସଦସ୍ୟ ଅଛନ୍ତି । ଚୌଦ୍ୱାର ନିର୍ବାଚନ ମଣ୍ଡଳୀରୁ ସେ ପୁନର୍ବାର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି ।



## ଶ୍ରୀ ଭାଗୀରଥି ଗମାଙ୍ଗ

୧୯୩୮ ମସିହା ଜୁନ୍ ୨୯ ତାରିଖରେ ଶ୍ରୀ ଭାଗୀରଥି ଗମାଙ୍ଗଙ୍କର ଜନ୍ମ । ଜଣେ ବିଶିଷ୍ଟ ପ୍ରଗତିବାଦୀ ଆଦିବାସୀ ଯୁବନେତା ରୂପେ ଶ୍ରୀ ଗମାଙ୍ଗ ସାରା କୋରାପୁଟ ଜିଲ୍ଲାରେ ସୁପରିଚିତ । ୧୯୬୭ ଓ ୧୯୭୧ ମସିହାରେ ଉଭୟ ଗୁଣୁପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଓ କୋରାପୁଟ ଲୋକସଭା ନିର୍ବାଚନ ମଣ୍ଡଳୀରୁ ଯଥାକ୍ରମେ ରାଜ୍ୟ ବିଧାନସଭା ଓ ଲୋକସଭାକୁ ସେ ନିର୍ବାଚିତ ହୋଇଥିଲେ । ଗତ ଫେବୃଆରୀ ମାସରେ ଅନୁଷ୍ଠିତ ନିର୍ବାଚନରେ କୋରାପୁଟ ଜିଲ୍ଲାର ଗୁଣୁପୁର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ରୂପେ ରାଜ୍ୟ ବିଧାନ ସଭାକୁ ପୁନର୍ବାର ନିର୍ବାଚିତ ହୋଇଛନ୍ତି ।

କଲେଜ ଅଧ୍ୟୟନ ପରେ ପରେ ଶ୍ରୀ ଗମାଙ୍ଗ ଶିକ୍ଷକତା ଆରମ୍ଭ କରିଥିଲେ । କିନ୍ତୁ ଖୁବ୍ ଶୀଘ୍ର ଶିକ୍ଷକତା ଛାଡ଼ି ସକ୍ରିୟ ରାଜନୀତିରେ ଯୋଗ ଦେଲେ । କଂଗ୍ରେସ ଦଳର ଆଦର୍ଶ ଓ ନୀତିରେ ତାଙ୍କର ଗଭୀର ଆସ୍ଥା ରହିଛି । ଆଦିବାସୀ ସଂପ୍ରଦାୟଙ୍କ ସର୍ବାଙ୍ଗୀନ ଉନ୍ନତି ଘଟାଇବା ଦିଗରେ ଶ୍ରୀ ଗମାଙ୍ଗ ସର୍ବଦା ଯତ୍ନବାନ । ଏହାଛଡ଼ା କୋରାପୁଟ ଜିଲ୍ଲାର ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ସହ ସେ ସଂପୃକ୍ତ । କୋରାପୁଟ ଜିଲ୍ଲା ନିଶାନିବାରଣ ସଂଘର ସେ ହେଉଛନ୍ତି ସଭାପତି ଓ ଆଦିମ ଜାତି ସଂଘ କାର୍ଯ୍ୟକାରୀ କମିଟିର ମଧ୍ୟ ସଦସ୍ୟ ଅଟନ୍ତି ।

ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ନେତୃତ୍ୱରେ ଗଠିତ ଗତ ମନ୍ତ୍ରୀମଣ୍ଡଳରେ ଶ୍ରୀ ଗମାଙ୍ଗ ରାଷ୍ଟ୍ରମନ୍ତ୍ରୀ ଥିଲେ ।



# ସେକ୍ ମତଲୁବ ଅଲ୍ଲୀ

ସେକ୍ ମତଲୁବ ଅଲ୍ଲୀ କଟକ ଜିଲା ଧାରୁଆ ଶ୍ୟାମସୁନ୍ଦରପୁର ଗ୍ରାମର ଏକ ମଧ୍ୟବିତ୍ତ କୃଷକ ପରିବାରରେ ୧୯୪୨ ମସିହା ଡିସେମ୍ବର ୧୬ ତାରିଖରେ ଜନ୍ମଗ୍ରହଣ କରିଥିଲେ । ଛାତ୍ର ଜୀବନରେ ସେ ବିଭିନ୍ନ ଛାତ୍ର ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଶ୍ରୀ ଅଲ୍ଲୀ ଓଡ଼ିଆ ସାହିତ୍ୟରେ ସ୍ନାତକୋତ୍ତର ଉପାଧି ଲାଭ କରିଛନ୍ତି । କ୍ଷୁଦ୍ର ଗଳ୍ପ ରଚୟିତା ତଥା ପ୍ରାବନ୍ଧିକ ହିସାବରେ ସେ ସୁପରିଚିତ । ତାଙ୍କର ଓଡ଼ିଆ ରଚନାବଳୀ ମଧ୍ୟରେ "ମୌସୁମୀ" ବିଶେଷ ଆଦୃତ ହୋଇପାରିଛି । ଓଡ଼ିଶାର ଖ୍ୟାତନାମା ସାହିତ୍ୟିକ ଗଣକବି ବୈଷ୍ଣବ ପାଣି ଓ ଶ୍ରୀ ଜଗମୋହନ ଲାଲାଙ୍କ ଉପରେ ସେ ଦୁଇଟି ସମାଲୋଚନାମୂଳକ ପ୍ରବନ୍ଧ ମଧ୍ୟ ଲେଖିଛନ୍ତି ।

ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରିବା ପୂର୍ବରୁ ଶ୍ରୀ ଅଲ୍ଲୀ ପ୍ରାୟ ଦୁଇବର୍ଷ ଧରି ସାଲେପୁର କଲେଜରେ ଅଧ୍ୟାପନା କରୁଥିଲେ । ପରେ ସେ ଓଡ଼ିଶା ଟେକ୍ସଟାଇଲ ମିଲ୍ ଶ୍ରମିକ ସଂଘର ସାଧାରଣ ସଂପାଦକ ହେଲେ ଏବଂ ଶ୍ରମିକ ଆନ୍ଦୋଳନରେ ବିଶେଷ ଭୂମିକା ଗ୍ରହଣ କରିଥିଲେ । ଜଣେ ସୁଦକ୍ଷ ସଂଗଠକ ତଥା କର୍ମୀ ହିସାବରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଯୋଗୁଁ ସେ କଟକ ଜିଲା ଯୁବ କଂଗ୍ରେସର ସଭାପତି ରୂପେ ନିର୍ବାଚିତ ହୋଇଥିଲେ । ରାଜ୍ୟର ବିଭିନ୍ନ ଯୁବ ତଥା ସାଂସ୍କୃତିକ ଅନୁଷ୍ଠାନ ସହ ଶ୍ରୀ ଅଲ୍ଲୀ ବିଶେଷଭାବେ ସଂପୃକ୍ତ ଏବଂ ଗାନ୍ଧୀ ଦର୍ଶନ ଉପରେ ତାଙ୍କର ଅଗାଧ ବିଶ୍ୱାସ ରହିଛି ।

ଶ୍ରୀ ଅଲ୍ଲୀ ମାହାଙ୍ଗା ନିର୍ବାଚନ ମଣ୍ଡଳୀରୁ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି ।



# ଶ୍ରୀ ଭୁଆଗିଆ ମାଝୀ

୧୯୩୦ ଜାନୁଆରୀ ମାସ ୨୧ ତାରିଖରେ ମୟୂରଭଂଜ ଜିଲାର ଅଣ୍ଡିଆ ଗ୍ରାମରେ ଶ୍ରୀ ଭୁଆଁଗିଆ ମାଝୀଙ୍କ ଜନ୍ମ । ଉତ୍କଳ ବିଶ୍ୱବିଦ୍ୟାଳୟରୁ ବି. ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ବିଭିନ୍ନ ବିଭାଗରେ ଏକାଧିକ ପଦବୀରେ ସେ ଚାକିରି କରୁଥିଲେ । ଏହି ଚାକିରିରେ ଥିବାବେଳେ ସେ ୧୯୬୫ ମସିହାରେ ରାଜନୀତିରେ ପ୍ରବେଶ କଲେ ।

ଶ୍ରୀ ମାଝୀ ୧୯୬୭ରୁ ୧୯୭୦ ମସିହାଯାଏ ରାସଗୋବିନ୍ଦପୁର ପଞ୍ଚାୟତ ସମିତିର ଚେୟାରମ୍ୟାନ ଥିଲେ । ୧୯୭୧ ମସିହା ନିର୍ବାଚନରେ ମୋରଡ଼ା ନିର୍ବାଚନ ମଣ୍ଡଳୀରୁ ସ୍ୱତନ୍ତ୍ର ଦଳର ପ୍ରାର୍ଥୀରୂପେ ସେ ରାଜ୍ୟ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୭୨ ମସିହାରେ ସେ କଂଗ୍ରେସରେ ଯୋଗଦେଲେ । ଗତ ଫେବୃଆରୀ ମାସରେ ଅନୁଷ୍ଠିତ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ବୈଶିଙ୍ଗା ନିର୍ବାଚନ ମଣ୍ଡଳୀରୁ ସେ ପୁନର୍ବାର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି ।

କୃଷିକାର୍ଯ୍ୟ, ସମାଜସେବା ତଥା ଆଦିବାସୀ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପ୍ରତି ତାଙ୍କର ବିଶେଷ ଆଗ୍ରହ ରହିଛି ।



## ଶ୍ରୀ ଜଗନ୍ନାଥ ପଟ୍ଟନାୟକ

କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାରେ ୧୯୪୭ ମସିହା ନଭେମ୍ବର ମାସରେ ଶ୍ରୀ ଜଗନ୍ନାଥ ପଟ୍ଟନାୟକଙ୍କ ଜନ୍ମ । ସେ ଭବାନୀପାଟଣା ହାଇସ୍କୁଲରୁ ମାଟ୍ରିକୁଲେସନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ବଲାଙ୍ଗୀରସ୍ଥ ରାଜେନ୍ଦ୍ର କଲେଜରୁ ସ୍ନାତକ ଡିଗ୍ରୀ ଲାଭ କରିଥିଲେ । ୧୯୬୬-୬୭ ମସିହାରେ ଶ୍ରୀ ପଟ୍ଟନାୟକ ରାଜେନ୍ଦ୍ର କଲେଜ ଛାତ୍ର ସଂସଦର ସଭାପତି ଥିଲେ । ସେ ୧୯୬୪ ମସିହା ଛାତ୍ର ଆନ୍ଦୋଳନରେ ସକ୍ରିୟ ଅଂଶ ନେଇଥିଲେ ଏବଂ ରାଜ୍ୟ ଛାତ୍ର କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଥିଲେ । ଛାତ୍ର ଆନ୍ଦୋଳନ ସମୟରେ ତାଙ୍କୁ ଗିରଫ କରାଯାଇଥିଲା । ଛାତ୍ରନେତା ହିସାବରେ ଶ୍ରୀ ପଟ୍ଟନାୟକ ରାଜନୈତିକ, ପ୍ରଶାସନିକ ତଥା ଛାତ୍ର ସମାଜର ସମସ୍ୟାଗୁଡ଼ିକ ପ୍ରତି ତତ୍କାଳୀନ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଗୁଲଜାରିଲାଲ ନନ୍ଦାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୧୯୬୯ ମସିହାରେ ଦ୍ୱିତୀୟ ଥର ପାଇଁ ବଲାଙ୍ଗୀରଠାରେ ତାଙ୍କୁ ଗିରଫ କରାଯାଇଥିଲା ।

ଶ୍ରୀ ପଟ୍ଟନାୟକ ୧୯୭୧ ମସିହା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ବଲାଙ୍ଗୀର ସ୍ୱତନ୍ତ୍ର ପ୍ରାର୍ଥୀ ଭାବେ ବଲାଙ୍ଗୀର ନିର୍ବାଚନ ମଣ୍ଡଳୀରୁ ଭାରତୀୟ ଜାତୀୟ କଂଗ୍ରେସ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତଥା ତତ୍କାଳୀନ ପ୍ରଜା ସୋସାଲିଷ୍ଟ ଦଳର ସମର୍ଥନ କ୍ରମେ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ବିରୁଦ୍ଧରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଗତ ଫେବୃୟାରୀ ମାସରେ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ସେ କଂଗ୍ରେସ ପ୍ରାର୍ଥୀ ରୂପେ କଳାହାଣ୍ଡି ଜିଲ୍ଲା ନୂଆପଡ଼ା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରି ରାଜ୍ୟ ବିଧାନ ସଭାକୁ ନିର୍ବାଚିତ ହୋଇଛନ୍ତି ।

ଶ୍ରୀ ପଟ୍ଟନାୟକ ବଲାଙ୍ଗୀର ତଥା କଳାହାଣ୍ଡି ଜିଲ୍ଲାର ବିଭିନ୍ନ କ୍ରୀଡ଼ା କସରତ ଏବଂ ସାଂସ୍କୃତିକ କାର୍ଯ୍ୟକଳାପସହ ସଂପୃକ୍ତ ଥିଲେ । ଷ୍ଟାଡିୟମ୍ ନିର୍ମାଣ କରିବାଦିଗରେ ତାଙ୍କର ଅବଦାନ ଉଲ୍ଲେଖଯୋଗ୍ୟ । କଟକ ବାରବାଟୀ ଷ୍ଟାଡିୟମ୍‌ରେ ଖେଳକସରତ ସଂସ୍ଥାରେ ଅନୁଷ୍ଠିତ ବିଭିନ୍ନ ବୈଠକରେ ସେ ସର୍ବଦା ଯୋଗ ଦେଇଛନ୍ତି ।

ଭାରତୀୟ ପ୍ରତିନିଧି ଦଳର ସଦସ୍ୟ ଭାବେ ଶ୍ରୀ ପଟ୍ଟନାୟକ ବର୍ଲିନଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଯୁବମେଳାରେ ଯୋଗ ଦେଇଥିଲେ ଏବଂ ବିଶ୍ୱଶାନ୍ତି ଓ ନିରସ୍ତ୍ରୀକରଣ ତଥା "ବିଶ୍ୱ ଯୁବ ଆନ୍ଦୋଳନ" ଭଳି ବିଭିନ୍ନ ଆନ୍ତର୍ଜାତିକ ଆଲୋଚନା ଚକ୍ରରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ରୁଷ ସରକାରଙ୍କ ନିମନ୍ତ୍ରଣ କ୍ରମେ ସେ ବର୍ଲିନ୍‌ରୁ ମସ୍କୋ ଯାତ୍ରା କରି ସେଠାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପରିଦର୍ଶନ କରିଥିଲେ ।

ଖେଳ କସରତ ଓ ସାଂସ୍କୃତିକ କାର୍ଯ୍ୟକଳାପରେ ତାଙ୍କର ଅଭିରୁଚି ରହିଛି ।



# ଓଡ଼ିଶାରେ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ—ଏକ ସମୀକ୍ଷା

ଶ୍ରୀ କୃଷ୍ଣମୋହନ ସେନାପତି
ଉପମୁଖ୍ୟ ନିର୍ବାଚନ ଅଧିକାରୀ

ଓଡ଼ିଶାରେ ବିଧାନ ସଭା ନିର୍ବାଚନ ଗତ ଫେବୃଆରୀ ମାସ ୨୨, ୨୪ ଓ ୨୬ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନ ପୁନର୍ଗଠିତ ନିର୍ବାଚନ ମଣ୍ଡଳୀଗୁଡ଼ିକୁ ନେଇ କରାଯାଇଛି।

ସମ୍ବିଧାନର ୮୨ ଧାରା ଅନୁଯାୟୀ ପ୍ରତିଥର ଜନଗଣନା ପରେ ଲୋକସଭା ପାଇଁ ମୋଟ ଆସନ ସଂଖ୍ୟା ସ୍ଥିର କରାଯାଇ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ସୀମାର ଆବଶ୍ୟକୀୟ ପୁନର୍ଗଠନ କରିବା ପାଇଁ ବ୍ୟବସ୍ଥା ରହିଛି। ସେହିପରି ସମ୍ବିଧାନର ୧୭୦ ଧାରା ଅନୁଯାୟୀ ପ୍ରତି ଜନଗଣନା ପରେ ପ୍ରତ୍ୟେକ ରାଜ୍ୟର ବିଧାନ ସଭା ଆସନ ସଂଖ୍ୟା ସ୍ଥିର କରାଯାଇ, ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ସୀମାର ଆବଶ୍ୟକୀୟ ପୁନର୍ଗଠନ କରାଯିବା ନିମନ୍ତେ ଅନୁରୂପ ବ୍ୟବସ୍ଥା ରହିଛି। ଆଉ ମଧ୍ୟ ଲୋକସଭାର ମୋଟ ଆସନ ମଧ୍ୟରୁ ଆଦିବାସୀ ଓ ହରିଜନମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ସଂଖ୍ୟକ ଆସନ ସଂରକ୍ଷଣ ନିମନ୍ତେ ସମ୍ବିଧାନର ୩୩୦ ଧାରାରେ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା ରହିଛି। ସେହିପରି ସମ୍ବିଧାନର ୩୩୨ ଧାରା ଅନୁଯାୟୀ ବିଧାନ ସଭାର ମୋଟ ଆସନ ମଧ୍ୟରୁ ନିର୍ଦ୍ଦିଷ୍ଟ ସଂଖ୍ୟକ ଆସନ ଆଦିବାସୀ ଓ ହରିଜନମାନଙ୍କ ପାଇଁ ସଂରକ୍ଷିତ ରହିବ। ରାଜ୍ୟର ମୋଟ ଲୋକ ସଂଖ୍ୟାରେ ଆଦିବାସୀ ଓ ହରିଜନମାନଙ୍କ ଅନୁପାତ ଯେତେହେବ, ଲୋକସଭା ଓ ବିଧାନ ସଭାରେ ସେହି ଅନୁପାତରେ ଆସନ ସଂରକ୍ଷିତ ରହିବ। ନିର୍ବାଚନ ମଣ୍ଡଳୀଗୁଡ଼ିକ କିପରି ପୁନର୍ଗଠନ କରାଯିବ, ତାହା ପାର୍ଲିଆମେଣ୍ଟ ଆଇନ ଦ୍ୱାରା ସ୍ଥିର କରନ୍ତି।

୧୯୭୧ ଏପ୍ରିଲ ପହିଲା ଦିନ ସାରା ଭାରତରେ ଜନଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା। ଏହାପରେ ପାର୍ଲିଆମେଣ୍ଟରେ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ଆଇନ ପାସ୍ ହୋଇ ୧୯୭୨ ଡିସେମ୍ବର ମାସ ୩୦ ତାରିଖ ଦିନ ଏହା ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭକଲା। ଉକ୍ତ ଆଇନର ୩ ଧାରା ଅନୁସାରେ କେନ୍ଦ୍ର ସରକାର ଏକ ୩ ଜଣିଆ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ କମିଶନ

ଗଠନକଲେ । ପ୍ରତ୍ୟେକ ରାଜ୍ୟର ନିର୍ବାଚନ ମଣ୍ଡଳୀଗୁଡ଼ିକର ପୁନର୍ଗଠନ କାର୍ଯ୍ୟରେ କମିଶନଙ୍କୁ ସାହାଯ୍ୟ କରିବା ପାଇଁ ସମ୍ପୃକ୍ତ ରାଜ୍ୟରୁ ୧୦ଜଣଙ୍କୁ ସହଯୋଗୀ ସଭ୍ୟ ଭାବରେ ନିଆଯାଏ । ସେମାନଙ୍କ ମଧ୍ୟରୁ ୫ଜଣ ହେଉଛନ୍ତି ଲୋକସଭାର ବାଚସ୍ପତିଙ୍କ ଦ୍ୱାରା ମନୋନୀତ ଲୋକସଭା ସଦସ୍ୟ ଓ ଅବଶିଷ୍ଟ ପାଞ୍ଚଜଣ ହେଉଛନ୍ତି, ବିଧାନସଭାର ବାଚସ୍ପତିଙ୍କ ଦ୍ୱାରା ମନୋନୀତ ତତ୍‌ବିଧାନସଭା ସଦସ୍ୟ । ଓଡ଼ିଶାର ନିର୍ବାଚନ ମଣ୍ଡଳୀ ପୁନର୍ଗଠନବେଳେ ଲୋକସଭାର ୫ଜଣ ସଦସ୍ୟ ସହଯୋଗୀ ସଭ୍ୟ ରୂପେ ମନୋନୀତ ହୋଇଥିଲେ । କିନ୍ତୁ ଏହି ସମୟରେ ଓଡ଼ିଶାରେ ବିଧାନସଭା ନଥିବାରୁ ବିଧାନ-ସଭାର କୌଣସି ସଭ୍ୟ ସହଯୋଗୀ ସଭ୍ୟ ରୂପେ କାର୍ଯ୍ୟ କରିବାର ସୁଯୋଗ ପାଇପାରି ନ ଥିଲେ ।

ନିର୍ବାଚନ କମିଶନ ଓଡ଼ିଶାର ଭୌଗଳିକ ଅବସ୍ଥିତି, ପ୍ରାକୃତିକ ପ୍ରତିବନ୍ଧକ, ଯାତାୟାତର ସୁବିଧା ଏବଂ ଜନସାଧାରଣଙ୍କ ସୁବିଧା ଆଦି ବିଷୟକୁ ନେବା ସଙ୍ଗେ ସଙ୍ଗେ ପ୍ରଶାସନିକ ସୀମା ପ୍ରତି ଦୃଷ୍ଟିଦେଇ ଓଡ଼ିଶା ପାଇଁ ୨୧ଟି ଲୋକସଭା ଆସନ ଓ ୧୪୭ଟି ବିଧାନ ସଭା ଆସନ ଧାର୍ଯ୍ୟ କରି ଏବଂ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ଆଞ୍ଚଳିକ ସୀମା ନିର୍ଦ୍ଧାରଣ କରି ୧୯୭୩ ଅକ୍‌ଟୋବର ମାସ ତୃତୀୟ ସପ୍ତାହରେ ଚିଠା ପ୍ରସ୍ତାବ ପ୍ରକାଶ କରିଥିଲେ । ଏହି ପ୍ରସ୍ତାବ ୧୯୭୩ ଅକ୍‌ଟୋବର ମାସ ୨୦ ତାରିଖରେ ଓଡ଼ିଶା ଗେଜେଟରେ ପ୍ରକାଶ ପାଇଥିଲା । ଏହି ଚିଠା ପ୍ରସ୍ତାବ ସମ୍ପର୍କରେ ଜନସାଧାରଣଙ୍କ ନିକଟରୁ ଆପତ୍ତି ଅଭିଯୋଗ ଦରଖାସ୍ତ ଦାଖଲ କରିବା ପାଇଁ କମିଶନ ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଅର୍ଥାତ୍ ଏକମାସ ସମୟ ଦେଇଥିଲେ । ଏହା ଫଳରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଓ ବିଭିନ୍ନ ଶ୍ରେଣୀର ଲୋକଙ୍କଠାରୁ ପ୍ରାୟ ୧୦୦୦ ପର୍ଯ୍ୟନ୍ତ ଦରଖାସ୍ତ କମିଶନଙ୍କ ହସ୍ତଗତ ହୋଇଥିଲା । ଏତଦ୍‌ବ୍ୟତୀତ ୪ଜଣ ସହଯୋଗୀ ସଭ୍ୟ କେତେକ ବିରୋଧୀ ପ୍ରସ୍ତାବ ପଠାଇଥିଲେ ଓ ସେଗୁଡ଼ିକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଗେଜେଟରେ ପ୍ରକାଶ ପାଇଥିଲା । କମିଶନ ଜନସାଧାରଣଙ୍କ ନିକଟରୁ ମିଳିଥିବା ଆପତ୍ତି, ପରାମର୍ଶ ତଥା ବିକଳ୍ପ ପ୍ରସ୍ତାବ ସମ୍ପର୍କରେ ଡିସେମ୍ବର ୧୦ ତାରିଖରେ ଭୁବନେଶ୍ୱରରେ, ୧୧ ଓ ୧୨ ତାରିଖରେ କଟକରେ, ୧୪ ଓ ୧୫ ତାରିଖରେ ସମ୍ବଲପୁରରେ, ୧୭ ଓ ୧୮ ତାରିଖରେ ବ୍ରହ୍ମପୁରରେ ବିଚାର କରିଥିଲେ । ଡିସେମ୍ବର ୩୧ ତାରିଖରେ କମିଶନଙ୍କ ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ ପାଇଲା । ସେହିଦିନ ଏକ ସମୟରେ ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ଗେଜେଟ୍‌ରେ ମଧ୍ୟ ଏହା ପ୍ରକାଶ ପାଇଥିଲା ।

ଉକ୍ତ ଆଦେଶାନୁସାରେ ଲୋକସଭାପାଇଁ ଓଡ଼ିଶାର ୨୧ଟି ଆସନ ଓ ବିଧାନସଭା ପାଇଁ ୧୪୭ଟି ଆସନ ନିର୍ଦ୍ଦିଷ୍ଟ କରାଯାଇଅଛି । ଏହା ଫଳରେ ଲୋକ ସଭାରେ ଓଡ଼ିଶାର ଗୋଟିଏ ଆସନ ଓ ରାଜ୍ୟ ବିଧାନ ସଭାରେ ୭ଟି ଆସନ ବୃଦ୍ଧି ପାଇଲା । ମାତ୍ର ଲୋକ ସଭା ଆସନ ଓ ବିଧାନ ସଭା ଆସନର ଆନୁପାତିକ ହାର ପୂର୍ବପରି ୭ ରଖାଗଲା । ଏହି ବିଧାନ-ସଭା ଆସନ ମଧ୍ୟରୁ କଟକ ଓ କୋରାପୁଟ ଜିଲାରେ ୨ଟି କରି ଏବଂ ବାଲେଶ୍ୱର, ପୁରୀ ଓ ସୁନ୍ଦରଗଡ଼ ଜିଲାରେ ଗୋଟିଏ କରି ଆସନ ବୃଦ୍ଧି ପାଇଛି । ଲୋକସଭାର ମୋଟ ୨୧ଟି ଆସନ ମଧ୍ୟରୁ କଟକ ଜିଲାରେ ୪ଟି, ବାଲେଶ୍ୱର, ପୁରୀ, ଗଞ୍ଜାମ କୋରାପୁଟ ଓ ସମ୍ବଲପୁରରେ ୨ଟି ଓ ଅନ୍ୟ ଜିଲ୍ଲାମାନଙ୍କରେ ଗୋଟିଏ କରି ଲୋକସଭା ଆସନ ରଖାଯାଇଅଛି । ବିଧାନ ସଭାର ମୋଟ ୧୪୭ଟି ଆସନ ମଧ୍ୟରୁ କଟକ ଜିଲାରେ ୨୬, ବାଲେଶ୍ୱରରେ ୧୨, ମୟୂରଭଞ୍ଜରେ ୧୦, ପୁରୀରେ ୧୬, ଗଞ୍ଜାମରେ ୧୫, କୋରାପୁଟରେ ୧୪, ବଲାଙ୍ଗୀରରେ ୯, ସମ୍ବଲପୁରରେ ୧୨, ସୁନ୍ଦରଗଡ଼ରେ ୭, କେନ୍ଦୁଝରରେ ୬, ଢେଙ୍କାନାଳରେ ୮, ଫୁଲବାଣୀରେ ୪ ଓ କଳାହାଣ୍ଡିରେ ୮ଟି ଆସନ ରଖାଯାଇଅଛି । ଲୋକସଭା ଆସନ ମଧ୍ୟରୁ ୫ଟି ଆସନ ଆଦିବାସୀମାନଙ୍କ ପାଇଁ ଓ ୩ଟି ଆସନ ହରିଜନମାନଙ୍କ ପାଇଁ ସଂରକ୍ଷଣ କରାଯାଇଛି । ବିଧାନ ସଭା ଆସନ ମଧ୍ୟରୁ ୩୪ଟି ଆଦିବାସୀଙ୍କ ପାଇଁ ଓ ୨୨ଟି ହରିଜନମାନଙ୍କ ପାଇଁ ସଂରକ୍ଷିତ ହୋଇଛି । ଲୋକ ସଭା ଓ ବିଧାନସଭାରେ ଆଦିବାସୀ ଓ ହରିଜନମାନଙ୍କ ପାଇଁ ସଂରକ୍ଷିତ ଆସନ ବଢ଼ିନାହିଁ । ଅପରପକ୍ଷରେ ଲୋକ ସଭାରେ ସାଧାରଣ ଆସନ ସଂଖ୍ୟା ୧୨ରୁ ୧୩କୁ ଓ ବିଧାନ ସଭାରେ ସାଧାରଣ ଆସନ ସଂଖ୍ୟା ୮୪ରୁ ୯୧କୁ ବଢ଼ିପାରିଛି ।

ସୁତରାଂ ପ୍ରଶ୍ନ ଉଠେ ଯେ ସମଗ୍ର ପ୍ରଦେଶରେ ୭ଟି ବିଧାନସଭା ଆସନ ବଢିଥିଲେ ସୁଦ୍ଧା ଆଦିବାସୀ ଓ ହରିଜନମାନଙ୍କ ପାଇଁ ଆସନ ସଂଖ୍ୟା କିପରି ଅପରିବର୍ତ୍ତିତ ରହିଲା। ଏହାର କାରଣ ହେଲା ୧୯୭୧ ମସିହା ଜନଗଣନା ଅନୁସାରେ ଓଡ଼ିଶାର ଲୋକସଂଖ୍ୟା ୨୧,୯୪୪,୬୧୫ ମଧ୍ୟରୁ ଆଦିବାସୀମାନଙ୍କ ସଂଖ୍ୟା ୫,୦୭୧,୯୩୭ ଅର୍ଥାତ୍ ମୋଟ ଲୋକ ସଂଖ୍ୟାର ଶତକଡା ୨୩.୧୧ ଭାଗ ଓ ହରିଜନମାନଙ୍କ ସଂଖ୍ୟା ୩,୩୧୦,୮୫୪ ଅର୍ଥାତ୍ ମୋଟ ଲୋକ ଶତକଡା ୧୫.୦୯ ଭାଗ । ଏଣୁ ମୋଟ ଆସନ ସଂଖ୍ୟାରେ ଆଦିବାସୀମାନଙ୍କ ପାଇଁ ଆନୁପାତିକ ସଂରକ୍ଷିତ ଆସନ ସଂଖ୍ୟା ହେଲା ୩୩.୯୭ ଅର୍ଥାତ୍ ୩୪ ଏବଂ ହରିଜନମାନଙ୍କ ପାଇଁ ଆନୁପାତିକ ସଂରକ୍ଷିତ ୨୨.୧୮ ଅର୍ଥାତ ୨୨। ୧୯୬୧ ଜନଗଣନାରେ ଆଦିବାସୀମାନଙ୍କର ସଂଖ୍ୟା ମୋଟ ଲୋକ ସଂଖ୍ୟାର ୨୪.୦୭ ଥିବା ସ୍ଥଳେ ବର୍ତ୍ତମାନ ୧୫.୦୯ କୁ କମି ଆସିଛି। ସେହିପରି ହରିଜନମାନଙ୍କ ସଂଖ୍ୟା ୧୯୬୧ ଜନଗଣନାରେ ମୋଟ ଲୋକ ସଂଖ୍ୟାର ୧୫.୭୫ ଥିବା ସ୍ଥଳେ ବର୍ତ୍ତମାନ ୧୫.୦୯ କୁ କମିଆସିଛି। ତେଣୁ ଆଦିବାସୀ ଓ ହରିଜନମାନଙ୍କ ପାଇଁ ସଂରକ୍ଷିତ ଆସନ ସଂଖ୍ୟା ପୂର୍ବେ ଯେତିକି ଥିଲା ବର୍ତ୍ତମାନ ସେତିକି ରହିଲା।

ନିର୍ବାଚନ ମଣ୍ଡଳୀଗୁଡ଼ିକ ଲୋକ ସଂଖ୍ୟା ଭିତ୍ତିରେ ଗଠନ କରାଯାଇଅଛି। ଏଣୁ ଜନବହୁଳ ଅଞ୍ଚଳରେ ନିର୍ବାଚନ ମଣ୍ଡଳୀଗୁଡ଼ିକ ଆୟତନରେ କ୍ଷୁଦ୍ର ଓ କୋରାପୁଟ, କଳାହାଣ୍ଡି, ଫୁଲବାଣୀ ପ୍ରଭୃତି ଅପେକ୍ଷାକୃତ କମ ଜନବହୁଳ ଅଞ୍ଚଳରେ ଅବସ୍ଥିତ ନିର୍ବାଚନ ମଣ୍ଡଳୀଗୁଡ଼ିକ ବଡହେବା ସ୍ୱାଭାବିକ । ପୁଣି ପୂର୍ବତନ ଗଡଜାତ ଅଞ୍ଚଳ, ବାଲେଶ୍ୱର, କଟକ ଓ ପୁରୀ ଜିଲାର ତ୍ରିକୋଣଭୂମି ଅଞ୍ଚଳମାନଙ୍କରେ ପ୍ରାକୃତିକ ପ୍ରତିବନ୍ଧକକୁ ସମ୍ପୂର୍ଣ୍ଣ ରୂପେ ଏଡ଼ିଦେବା ସମ୍ଭବ ହୋଇ ପାରିନାହିଁ ।

ପ୍ରାଦେଶିକ ସ୍ତରରେ ପ୍ରତି ଲୋକ ସଭା ନିର୍ବାଚନ ମଣ୍ଡଳୀର ହାରାହାରି ଲୋକ ସଂଖ୍ୟା ୧,୦୫୪,୯୮୧ ଏବଂ ପ୍ରତି ବିଧାନ-ସଭା ନିର୍ବାଚନ ମଣ୍ଡଳୀର ହାରାହାରି ଲୋକ ସଂଖ୍ୟା ୧୪୯,୨୮୩ ଅଟେ । ଲୋକ ସଂଖ୍ୟା ଦୃଷ୍ଟିରୁ ୧,୦୯୫,୫୭୮ ଲୋକ ସଂଖ୍ୟା ବିଶିଷ୍ଟ କେନ୍ଦୁଝର ଲୋକ ସଭା ନିର୍ବାଚନ ମଣ୍ଡଳୀ ବୃହତ୍ତମ ଓ ୧,୦୦୪,୪୮୨ ଲୋକ ସଂଖ୍ୟା ବିଶିଷ୍ଟ ମୟୂରଭଞ୍ଜ ଲୋକ ସଭା ନିର୍ବାଚନ ମଣ୍ଡଳୀ କ୍ଷୁଦ୍ରତମ। ସେହିପରି ବିଧାନ ସଭା ନିର୍ବାଚନ ମଣ୍ଡଳୀ ମଧ୍ୟରେ ୧୭୧,୯୭୪ ଲୋକ ସଂଖ୍ୟା ବିଶିଷ୍ଟ କେନ୍ଦୁଝର ଜିଲ୍ଲାର ତେଲକୋଇ ନିର୍ବାଚନ ମଣ୍ଡଳୀ ବୃହତ୍ତମ ଓ ୧୩୨,୮୮୬ ବିଶିଷ୍ଟ ପୁରୀ ଜିଲ୍ଲାର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ କ୍ଷୁଦ୍ରତମ । ଏପରି ତାରତମ୍ୟର କାରଣ ହେଲା, ପ୍ରାଦେଶିକ ସ୍ତରରେ ରାଜ୍ୟର ଲୋକ ସଂଖ୍ୟା ଓ ମୋଟ ଆସନ ସଂଖ୍ୟାକୁ ନେଇ ନିର୍ବାଚନ ମଣ୍ଡଳୀ ପ୍ରତି ହାରାହାରି ଲୋକ ସଂଖ୍ୟା ସ୍ଥିର କରାଯାଏ । ଏହି ହାରାହାରି ସଂଖ୍ୟା ସାହାଯ୍ୟରେ ଜିଲା ସ୍ତରରେ ମୋଟ ଲୋକ ସଂଖ୍ୟାକୁ ନେଇ ପ୍ରତି ଜିଲାର ନିର୍ବାଚନ ମଣ୍ଡଳୀ ପ୍ରତି ହାରାହାରି ଲୋକ ସଂଖ୍ୟା ସ୍ଥିର କରାଯାଏ। ଜିଲ୍ଲାଓ୍ୱାରି ନିର୍ବାଚନ ମଣ୍ଡଳୀ ଗଠନ ସମୟରେ ଜିଲ୍ଲାର ନିର୍ବାଚନ ମଣ୍ଡଳୀ ପ୍ରତି ହାରାହାରି ଲୋକ ସଂଖ୍ୟାର ଶତକଡା ୧୦ କମ ବେଶୀ ମଧ୍ୟରେ ଆଞ୍ଚଳିକ ସୀମା ବିଭିନ୍ନ ଦୃଷ୍ଟିକୋଣରୁ ସ୍ଥିର କରାଯାଏ। ଏଣୁ ବିଭିନ୍ନ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଲୋକ ସଂଖ୍ୟାର ତାରତମ୍ୟ ରହିବା ସ୍ୱାଭାବିକ।

ଓଡ଼ିଶାରେ ପ୍ରଥମଥର ପାଇଁ ଦୁଇଟି ଜିଲ୍ଲାର କେତେକ ଅଞ୍ଚଳକୁ ନେଇ ଗୋଟିଏ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଗଠନ କରାଯାଇଅଛି। ଏହା ହେଲା ବୀର ମହାରାଜପୁର ନିର୍ବାଚନ ମଣ୍ଡଳୀ ଯାହାକି ବଲାଙ୍ଗୀର ଜିଲ୍ଲାର ବୀରମହାରାଜପୁର ଥାନା ଓ ଢେଙ୍କାନାଳ ଜିଲ୍ଲାର ହଣ୍ଡପା, କିଶୋରନଗର ଥାନା ଏବଂ ଆଠମଲ୍ଲିକ ଥାନାର ତିନୋଟି ପଞ୍ଚାୟତକୁ ନେଇ ଗଠିତ । ବିଧାନ ସଭାର ବର୍ଦ୍ଧିତ ସାତଟି ନିର୍ବାଚନ ମଣ୍ଡଳୀ ହେଲା, ବାଲେଶ୍ୱର ଜିଲ୍ଲାର ଭଣ୍ଡାରୀପୋଖରୀ, କଟକ ଜିଲ୍ଲାର କିଶନ-ନଗର ଓ ବରି-ଦେରାବିଶି, କୋରାପୁଟ ଜିଲ୍ଲାର କୋରାପୁଟ ଓ ଚିତ୍ରକୋଣ୍ଡା, ପୁରୀ ଜିଲ୍ଲାର ଡେଲାଙ୍ଗ ଏବଂ ସୁନ୍ଦରଗଡ

ଜିଲ୍ଲାର ରଘୁନାଥପାଲି । ବିଧାନ ସଭାରେ କଟକ ଜିଲ୍ଲାର ହେଉଛି ସର୍ବାଧିକ ଆସନ ଅର୍ଥାତ୍ ୨୬ଟି ଓ ଫୁଲବାଣୀ ଜିଲ୍ଲାର ହେଉଛି ସର୍ବନିମ୍ନ ଆସନ ଅର୍ଥାତ ୪ଟି । ଫୁଲବାଣୀ ଜିଲ୍ଲାର ୪ଟି ଯାକ ବିଧାନ ସଭା ନିର୍ବାଚନ ମଣ୍ଡଳୀ ସହିତ ୧୪ଟି ପୂର୍ବତନ ନିର୍ବାଚନ ମଣ୍ଡଳୀର ଆଞ୍ଚଳିକ ସୀମାରେ କୌଣସି ପରିବର୍ତ୍ତନ କରାଯାଇନାହିଁ ।

ହରିଜନମାନଙ୍କ ପାଇଁ ସଂରକ୍ଷିତ ୨୨ଟି ବିଧାନ ସଭା ଆସନ ମଧ୍ୟରୁ କଟକରେ ୫ଟି, ଗଞ୍ଜାମ, ବଲାଙ୍ଗୀର, ପୁରୀ, ଢେଙ୍କାନାଳ, ସମ୍ବଲପୁର, କଳାହାଣ୍ଡି ଓ ବାଲେଶ୍ୱର ଜିଲ୍ଲାରେ ୨ଟି କରି ଓ କୋରାପୁଟ, ଫୁଲବାଣୀ ଓ କେନ୍ଦୁଝର ଜିଲ୍ଲାରେ ଗୋଟିଏ କରି ରଖାଯାଇଅଛି । ଏହାଦ୍ୱାରା ପୁରୀ ଜିଲ୍ଲାରେ ଗୋଟିଏ ହରିଜନ ନିର୍ବାଚନ ମଣ୍ଡଳୀ କମିବା ସ୍ଥଳେ, ଫୁଲବାଣୀ ଜିଲ୍ଲାରେ ଗୋଟିଏ ଆସନ ସୃଷ୍ଟି କରାଯାଇଅଛି । ହରିଜନମାନଙ୍କର ସଂଖ୍ୟା ଅନୁପାତରେ ପୁରୀ, କଟକ, ଗଞ୍ଜାମ, ସମ୍ବଲପୁର, କେନ୍ଦୁଝର, ଫୁଲବାଣୀ ଓ ବାଲେଶ୍ୱର ଜିଲ୍ଲାମାନଙ୍କରେ ସଂରକ୍ଷିତ ଆସନ ଠିକ ଭାବରେ ରଖା ଯାଇଅଛି । ଅନ୍ୟ ଜିଲ୍ଲାମାନଙ୍କରେ ଆନୁପାତିକ ଆସନ ସଂଖ୍ୟାର ବ୍ୟତିକ୍ରମ ଦେଖାଯାଏ । ହରିଜନମାନଙ୍କ ପାଇଁ ସଂରକ୍ଷିତ ନିର୍ବାଚନ ମଣ୍ଡଳୀ ମଧ୍ୟରେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ହରିଜନମାନଙ୍କର ସର୍ବୋଚ୍ଚ ସଂଖ୍ୟା ଶତକଡ଼ା ୩୦'୩୨ ଭାଗ ଓ ଉଦଳି ନିର୍ବାଚନ ମଣ୍ଡଳୀରେ ସର୍ବନିମ୍ନ ଅର୍ଥାତ୍ ୧୬'୪୨ ଭାଗ । ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ କୌଣସି ନିର୍ବାଚନ ମଣ୍ଡଳୀ ହରିଜନମାନଙ୍କ ପାଇଁ ସଂରକ୍ଷିତ କରାଯାଇନାହିଁ ।

ପୂର୍ବତନ ଶିମୁଳିଆ, କଟକ ସଦର, କଣ୍ଟାବାଞ୍ଜି, ବିଜେପୁର ଓ ଦଶପଲ୍ଲା ହରିଜନ ନିର୍ବାଚନ ମଣ୍ଡଳୀଗୁଡ଼ିକୁ ଏଥର ସାଧାରଣ ଆସନରେ ପରିଣତ କରାଯାଇଅଛି । ଅପରପକ୍ଷରେ ପୂର୍ବତନ ସାଲେପୁର, ମାଲକାନଗିରି, ସୋନପୁର, ହିନ୍ଦୋଳ ଓ ଉଦଳି ସାଧାରଣ ନିର୍ବାଚନ ମଣ୍ଡଳୀଗୁଡ଼ିକ ହରିଜନମାନଙ୍କ ପାଇଁ ସଂରକ୍ଷିତ ହୋଇଛି । ସେହିପରି କୋରାପୁଟ ଜିଲ୍ଲାର ପୂର୍ବତନ କୋଡ଼ିଙ୍ଗା ହରିଜନ ନିର୍ବାଚନ ମଣ୍ଡଳୀ ଏଥର ଆଦିବାସୀମାନଙ୍କ ପାଇଁ ସଂରକ୍ଷିତ ହୋଇଅଛି । ଭଣ୍ଡାରୀପୋଖରୀ ନୂତନ ବିଧାନ ସଭା ଆସନକୁ ହରିଜନମାନଙ୍କ ପାଇଁ ସଂରକ୍ଷିତ କରାଯାଇଛି । ଭଦ୍ରକ, ଫୁଲବାଣୀ ଓ ଯାଜପୁର ଲୋକସଭା ନିର୍ବାଚନ ମଣ୍ଡଳୀ ପୂର୍ବପରି ହରିଜନମାନଙ୍କ ପାଇଁ ସଂରକ୍ଷିତ କରାଯାଇଛି ।

ଆଦିବାସୀମାନଙ୍କ ନିର୍ବାଚନ ମଣ୍ଡଳୀ କୋରାପୁଟ ଜିଲ୍ଲାରେ ୧୦, ମୟୂରଭଞ୍ଜରେ ୯, ସୁନ୍ଦରଗଡ଼ରେ ୫, କେନ୍ଦୁଝରରେ ୪, ଫୁଲବାଣୀ ଓ ସମ୍ବଲପୁରରେ ୨ଟି କରି, ଗଞ୍ଜାମ ଓ କଳାହାଣ୍ଡିରେ ଗୋଟିଏ କରି ରଖାଯାଇଛି । ଏହାଦ୍ୱାରା ସୁନ୍ଦରଗଡ଼, କୋରାପୁଟ ଓ ମୟୂରଭଞ୍ଜରେ ଗୋଟିଏ କରି ନିର୍ବାଚନ ମଣ୍ଡଳୀ ବଢ଼ିବା ସ୍ଥଳେ ଗଞ୍ଜାମ, କଳାହାଣ୍ଡି ଓ ଫୁଲବାଣୀରେ ଗୋଟିଏ କରି ନିର୍ବାଚନ ମଣ୍ଡଳୀ କମିଛି । ଆଦିବାସୀମାନଙ୍କର ସଂଖ୍ୟା ଦୃଷ୍ଟିରୁ ଗଞ୍ଜାମର ରାମଗିରି ନିର୍ବାଚନ ମଣ୍ଡଳୀ ବୃହତ୍ତମ ଓ ଏଥିରେ ଆଦିବାସୀ ମାନଙ୍କର ସଂଖ୍ୟା ଶତକଡ଼ା ୭୬'୨୯ ଭାଗ ଅଟେ । ମୟୂରଭଞ୍ଜର ବଇଶିଙ୍ଗା ନିର୍ବାଚନ ମଣ୍ଡଳୀରେ ଆଦିବାସୀ ମାନଙ୍କର ସଂଖ୍ୟା ଶତକଡ଼ା ୪୫'୧୯ ଥିବାରୁ ଏହା ଆଦିବାସୀମାନଙ୍କରପାଇଁ ସଂରକ୍ଷିତ ନିର୍ବାଚନ ମଣ୍ଡଳୀ ମଧ୍ୟରେ କ୍ଷୁଦ୍ରତମ । ବାଲେଶ୍ୱର, କଟକ, ପୁରୀ, ଢେଙ୍କାନାଳ ଓ ବଲାଙ୍ଗୀର ଜିଲ୍ଲାମାନଙ୍କରେ ଆଦିବାସୀ ମାନଙ୍କ ପାଇଁ କୌଣସି ଆସନ ସଂରକ୍ଷିତ ହୋଇନାହିଁ । ୧୯୭୨ ମସିହା ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ଆଇନ୍ ଅନୁସାରେ ସର୍ବାଧିକ ସଂଖ୍ୟା ଅନୁପାତ କ୍ରମରେ ଆଦିବାସୀମାନଙ୍କପାଇଁ ନିର୍ବାଚନ ମଣ୍ଡଳୀ ସଂରକ୍ଷିତ କରାଯାଇଛି । ଆଦିବାସୀ ମାନଙ୍କ ସଂଖ୍ୟା ଅନୁପାତରେ ବାଲେଶ୍ୱର, କଟକ, ପୁରୀ କିମ୍ବା ଗୋଟିଏ ଲେଖାଏଁ ଓ ବଲାଙ୍ଗୀର ଦୁଇଟି ଆଦିବାସୀ ଆସନ ପାଇବାକୁ ଯୋଗ୍ୟ ଥିଲେ ସୁଦ୍ଧା ଉକ୍ତ ନିୟମ ଅନୁସାରେ କୌଣସି ଆସନ ସଂରକ୍ଷିତ ହୋଇନାହିଁ । ଅପର ପକ୍ଷରେ ମୟୂରଭଞ୍ଜ ଜିଲ୍ଲାରେ ୬ ପରିବର୍ତ୍ତେ ୯, କୋରାପୁଟ ଜିଲ୍ଲାରେ ୮ ପରିବର୍ତ୍ତେ ୧୦, ସୁନ୍ଦରଗଡ଼ ଜିଲ୍ଲାରେ ୪ ପରିବର୍ତ୍ତେ ୫

ଓ କେନ୍ଦୁଝର ଜିଲାରେ ୩ ପରିବର୍ତ୍ତେ ୪ ଲେଖାଏଁ ଆସନ ଆଦିବାସୀମାନଙ୍କ ପାଇଁ ସଂରକ୍ଷିତ ହୋଇଛି । ଗଞ୍ଜାମ ଓ କଳାହାଣ୍ଡି ଜିଲା ପ୍ରତ୍ୟେକ ୨ଟି ଆଦିବାସୀ ଆସନ ପାଇବା ପରିବର୍ତ୍ତେ ଗୋଟିଏ ଲେଖାଏଁ ଆସନ ପାଇଛନ୍ତି । ପୂର୍ବତନ ମାଲକାନଗିରି ଓ ଫୁଲବାଣୀ ଆଦିବାସୀ ନିର୍ବାଚନ ମଣ୍ଡଳୀଦ୍ୱୟକୁ ଏପରି ହରିଜନ ନିର୍ବାଚନ ମଣ୍ଡଳୀ କରାଯାଇଅଛି । ପୂର୍ବତନ ନୂଆପଡ଼ା ଓ ମୋହନା ଆଦିବାସୀ ନିର୍ବାଚନ ମଣ୍ଡଳୀକୁ ସାଧାରଣ ଆସନ କରାଯାଇଅଛି । ପୂର୍ବତନ ଦରିଙ୍ଗବାଡ଼ି ସାଧାରଣ ନିର୍ବାଚନ ମଣ୍ଡଳୀକୁ ଆଦିବାସୀମାନଙ୍କ ପାଇଁ ସଂରକ୍ଷିତ କରାଯାଇଛି । ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ଶତକଡ଼ା ୫୬·୫୦ ଭାଗ ଆଦିବାସୀ ଥିଲେ ସୁଦ୍ଧା କୋରାପୁଟ ଜିଲାରେ ହରିଜନ ମାନଙ୍କର ସଂଖ୍ୟା ୨,୭୪,୧୧୫ ଥିବାରୁ ଉକ୍ତ ଜିଲାରେ ନିର୍ବାଚନ ମଣ୍ଡଳୀମାନଙ୍କ ମଧ୍ୟରେ ହରିଜନମାନଙ୍କର ସର୍ବୋଚ୍ଚ ସଂଖ୍ୟା ଦୃଷ୍ଟିରୁ ଏହାକୁ ହରିଜନ ମାନଙ୍କ ପାଇଁ ସଂରକ୍ଷିତ କରାଯାଇଛି ।

ପୂର୍ବତନ ନିର୍ବାଚନ ମଣ୍ଡଳୀଗୁଡ଼ିକ ମଧ୍ୟରୁ ୧୩୧ଟିର ନାମରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ଆଞ୍ଚଳିକ ସୀମାର ବିଶେଷ ପରିବର୍ତ୍ତନ ନକରି ପୂର୍ବତନ ପଶ୍ଚିମ ଯାଜପୁରର ନାମ କୋରାଇ, ଦୁରାର ନାମ ଗୋପାଳପୁର, ବାଣପୁରର ନାମ ଚିଲିକା ଓ ନନ୍ଦପୁରର ନାମ ପଟାଙ୍ଗୀ ରଖାଯାଇଅଛି ।

ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ଆଇନ୍ ଅନୁସାରେ କମିଶନଙ୍କର ଚୂଡ଼ାନ୍ତ ଆଦେଶ ଗେଜେଟ୍‌ରେ ପ୍ରକାଶିତ ହେବା ଦିନଠାରୁ ଏହା ଆଇନ୍‌ରେ ପରିଣତ ହୁଏ । ମାତ୍ର ଲୋକସଭା ଓ ବିଧାନସଭା ନ ଭାଙ୍ଗିବା ପର୍ଯ୍ୟନ୍ତ ପୁନର୍ଗଠିତ ନିର୍ବାଚନ ମଣ୍ଡଳୀ ପ୍ରତ୍ୟେକ କ୍ଷେତ୍ରରେ ଲାଗୁ ହୋଇପାରିବ ନାହିଁ । ଏହି ପରିପ୍ରେକ୍ଷୀରେ ଓଡ଼ିଶା ବିଧାନସଭା ପାଇଁ ନିର୍ବାଚନ ପୁନର୍ଗଠିତ ନିର୍ବାଚନ ମଣ୍ଡଳୀକୁ ନେଇ କରାଯାଇଛି । ମାତ୍ର ଲୋକସଭା ନଭାଙ୍ଗିବା ପର୍ଯ୍ୟନ୍ତ ଏହା ଲୋକସଭା ନିର୍ବାଚନ ମଣ୍ଡଳୀ ପ୍ରତି ପ୍ରଯୁଜ୍ୟ ହେବ ନାହିଁ । ଯଦି କୌଣସି କାରଣ ବଶତଃ ଲୋକସଭା ଆସନ ଖାଲିପଡ଼େ, ସେଠାରେ ଉପ-ନିର୍ବାଚନ ପୂର୍ବତନ ଲୋକସଭା ନିର୍ବାଚନ ମଣ୍ଡଳୀକୁ ନେଇ କରାଯିବ ।

ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ଆଇନ୍ ଅନୁସାରେ ଯେତେବେଳେ ଯେଉଁ ଆଦେଶ ଦିଆଯିବ ତାହା ଲୋକସଭା ଓ ବିଧାନସଭାରେ ଉପସ୍ଥାପିତ କରାଯିବାର ବ୍ୟବସ୍ଥା ଆଇନ୍‌ରେ ଅଛି । କମିଶନଙ୍କ ଚୂଡ଼ାନ୍ତ ଆଦେଶ ବିରୁଦ୍ଧରେ ଅଦାଲତରେ ମକଦ୍ଦମା ଆଗତ କରାଯାଇ ପାରିବ ନାହିଁ । ମାତ୍ର କମିଶନଙ୍କ ଆଦେଶରେ ଥିବା ମୁଦ୍ରଣଗତ ଓ ଅନ୍ୟାନ୍ୟ ତ୍ରୁଟି ଆଞ୍ଚଳିକ ସୀମା କିମ୍ବା ଜିଲ୍ଲା ବା ଥାନାରେ ନାମ ପରିବର୍ତ୍ତନ ହେଲେ ଉକ୍ତ ଆଦେଶର ସଂଶୋଧନ ସମୟାନୁକ୍ରମେ କରାଯାଇ ପାରେ ଏବଂ ଏଥିପାଇଁ ନିର୍ବାଚନ କମିଶନଙ୍କୁ କ୍ଷମତା ଦିଆଯାଇଛି ।

— — —

# ଇଉନିଟ

## ସାଧାରଣ ଜନତା ସକାଶେ ଅସାଧାରଣଭାବେ ଉତ୍ତମ ପୁଞ୍ଜି ଲଗାଣ ପନ୍ଥା

ସାଧାରଣ ଜନତାକୁ ପୁଞ୍ଜି ଲଗାଣର ସହଜ ଉପାୟ ଯୋଗାଇ ଦେବା ନିମନ୍ତେ ସରକାରଙ୍କ ଦ୍ୱାରା ଇଉନିଟ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ପ୍ରବର୍ତ୍ତିତ ହୋଇଛି । ରିଜର୍ଭ ବ୍ୟାଙ୍କ୍ ତଥା ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନ ଦ୍ୱାରା ନିଯୁକ୍ତ ଏକ ବିଶେଷଜ୍ଞ ଟ୍ରଷ୍ଟିବୋର୍ଡ ଟ୍ରଷ୍ଟର ସକଳ କାର୍ଯ୍ୟ ନିର୍ବାହ କରନ୍ତି । ଟ୍ରଷ୍ଟ ଇଉନିଟ୍ ବିକ୍ରୟ କରନ୍ତି ଓ ଏଭଳି ସଂଗୃହୀତ ଅର୍ଥକୁ କଂପାନୀ କାରବାର ବଜାରରେ କେତେକ ନିର୍ଦ୍ଦିଷ୍ଟ ଅଂଶଧନ ତଥା ସିକ୍ୟୁରିଟି ଆକାରରେ ବିନିଯୋଗ କରନ୍ତି । ଏହି ପ୍ରକାର ପୁଞ୍ଜି ଲଗାଣ ହେତୁ ଅର୍ଜିତ ଆୟରୁ ପ୍ରତିବର୍ଷ ଟ୍ରଷ୍ଟର ନିଜ ଖର୍ଚ୍ଚ ତୁଲାଇବା ପରେ ଅବଶିଷ୍ଟାଂଶକୁ ଜୁନ୍ ୩୦ ତାରିଖ ଦିନ ରେଜିଷ୍ଟରରେ ଲାଗି ରହିଥିବା ନାମ ତାଲିକା ମତେ ଇଉନିଟ୍ ଧାରୀମାନଙ୍କ ମଧ୍ୟରେ ନ୍ୟାୟସିଦ୍ଧ ଭାବେ ବାଣ୍ଟି ଦିଆଯାଏ । ଟ୍ରଷ୍ଟର ହିସାବ ଜୁଲାଇଠାରୁ ଜୁନ୍ ପର୍ଯ୍ୟନ୍ତ ଗଣାଯାଏ ଓ କ୍ରୟ ଦିନ ଗଣନା ବ୍ୟତିରେକ ସଂପୂର୍ଣ୍ଣ ବର୍ଷର ପ୍ରାପ୍ୟ ଲାଭାଂଶ ସମସ୍ତ ଇଉନିଟ୍‌ଧାରୀଙ୍କୁ ମିଳେ । ୧୯୭୨–୭୩ ମସିହା ସକାଶେ ଟ୍ରଷ୍ଟ ଶତକଡ଼ା ସାଢ଼େ ଆଠ ଭାଗ ଲାଭାଂଶ ଦେଇଥିଲେ ।

ପ୍ରତ୍ୟେକ ଇଉନିଟ୍‌ର ସାଧାରଣ ନିର୍ଦ୍ଧାର୍ଯ୍ୟ ମୂଲ୍ୟ ୧୦ ଟଙ୍କା ଓ ଇଉନିଟ୍‌ଗୁଡ଼ିକ ଦଶର ଗୁଣିତକ ସଂଖ୍ୟାରେ ବିକ୍ରୟ ହୁଏ । ସର୍ବନିମ୍ନ ଦଶଗୋଟି ଇଉନିଟ୍ କ୍ରୟ କରିବାକୁ ପଡ଼ିଥାଏ । କିନ୍ତୁ ଏଥି ସକାଶେ କୌଣସି ସର୍ବୋଚ୍ଚ ସୀମା ନିର୍ଦ୍ଧାରିତ ହୋଇନାହିଁ । ଇଉନିଟ୍‌ଗୁଡ଼ିକ ପ୍ରଚଳିତ ବିକ୍ରୟ ମୂଲ୍ୟରେ ଟ୍ରଷ୍ଟର ବମ୍ବେ, କଲିକତା, ନୂଆଦିଲ୍ଲୀ ଓ ମାନ୍ଦ୍ରାଜସ୍ଥିତ କାର୍ଯ୍ୟାଳୟରେ କିମ୍ବା ଟ୍ରଷ୍ଟର କ୍ଷମତାପ୍ରାପ୍ତ ପ୍ରତିନିଧି ହିସାବରେ ଆବେଦନପତ୍ର ଯୋଗାଇ ଦେଉଥିବା ତଥା ଟ୍ରଷ୍ଟ ତରଫରୁ ସରକାରୀ ପ୍ରାପ୍ତିସ୍ୱୀକାର ପତ୍ର ଦେଉଥିବା ଅଧିକାଂଶ ବ୍ୟାଙ୍କ୍ ଓ ଡାକଘରେ କିଣିବାକୁ ମିଳେ ।

ଇଉନିଟ୍ ପ୍ରମାଣପତ୍ରଗୁଡ଼ିକୁ ଟ୍ରଷ୍ଟ ରେଜେଷ୍ଟ୍ରି ଡାକରେ ସିଧାସଳଖ ପଠାଇ ଦିଅନ୍ତି । ଇଉନିଟ୍‌ଗୁଡ଼ିକୁ ଜଣେ ବ୍ୟକ୍ତି ଏକାକୀ କିମ୍ବା ନାବାଳକ ହୋଇ ନ ଥିଲେ ଯୌଥ ଭାବରେ ଦୁଇ, ତିନି ବା ସେତିକିଜଣ ବ୍ୟକ୍ତି କିଣି ପାରନ୍ତି । କୌଣସି ନାବାଳକ ବ୍ୟକ୍ତି ନିଜେ ଇଉନିଟ୍ କିଣିବା ନିମନ୍ତେ ଆବେଦନ କରି ପାରିବେ ନାହିଁ । ମାତ୍ର ତାଙ୍କର ପିତା କିମ୍ବା ମାତା, ଯଦି ସେ (ମାତା) ତାଙ୍କର ଆଇନସଙ୍ଗତ ଅଭିଭାବକ ହୋଇଥାନ୍ତି ଅଥବା ଅଦାଲତ ଦ୍ୱାରା ନିଯୁକ୍ତ ଅଭିଭାବକ ତାଙ୍କ ନିମନ୍ତେ ଇଉନିଟ୍ କିଣିବା ପାଇଁ ଆବେଦନ କରିପାରିବେ ଏବଂ ତାଙ୍କର ବାଲ୍ୟାବସ୍ଥାରେ ଓ ନାବାଳକ ଅବସ୍ଥାରେ ପ୍ରମାଣପତ୍ରକୁ ଯଥେଚ୍ଛା ବ୍ୟବହାର କରିବାର ଅଧିକାର ଉପଭୋଗ କରି ପାରିବେ ।

ଇଉନିଟ୍‌ଧାରୀ ଜୁଲାଇ ମାସ ବ୍ୟତୀତ ବର୍ଷର ଯେ କୌଣସି ସମୟରେ ପ୍ରଚଳିତ କ୍ରୟ ମୂଲ୍ୟରେ ଟ୍ରଷ୍ଟକୁ ତାଙ୍କର ଇଉନିଟ୍‌ଗୁଡ଼ିକୁ ପୁଣି ବିକ୍ରୟ କରିଦେଇ ପାରନ୍ତି । ଏଥି ନିମନ୍ତେ କୌଣସି ଇଉନିଟ୍‌ଧାରୀଙ୍କୁ କେବଳ ଇଉନିଟ୍ ପ୍ରମାଣପତ୍ରର ପଛପଟରେ ଥିବା ନିର୍ଦ୍ଦିଷ୍ଟ ଫର୍ମରେ ଦସ୍ତଖତ ବା ଦସ୍ତଖତଗୁଡ଼ିକରେ ସାକ୍ଷୀ ଦସ୍ତଖତ ସହିତ ସଂପୂର୍ଣ୍ଣ ରୂପେ ପୂରଣ କରି ଏବଂ ଟ୍ରଷ୍ଟର ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟକୁ ପଠାଇବାକୁ ପଡ଼େ । ଟ୍ରଷ୍ଟ ଦସ୍ତଖତ ଇତ୍ୟାଦି ପରୀକ୍ଷା କରିବା ପରେ ଡ୍ରାଫ୍ଟ, ଚେକ୍, ମନିଅର୍ଡର ଅଥବା ନଗଦ ଟଙ୍କା, ଯେଉଁଭଳି ଇଉନିଟ୍‌ଧାରୀ ଅନୁରୋଧ କରିଥାନ୍ତି, ସେହିଭଳି ଆକାରରେ ତାଙ୍କର ସଂପୂର୍ଣ୍ଣ ପ୍ରାପ୍ୟ ଦେଇ ଦିଅନ୍ତି ।

# ଓଡ଼ିଶାର ନୂତନ ମନ୍ତ୍ରୀମଣ୍ଡଳ

* * *

## କ୍ୟାବିନେଟ୍ ମନ୍ତ୍ରୀ

| | | |
|---|---|---|
| ୧ । ଶ୍ରୀମତୀ ନନ୍ଦିନୀ ଶତପଥୀ, ମୁଖ୍ୟମନ୍ତ୍ରୀ | .. | ସ୍ୱରାଷ୍ଟ୍ର, ରାଜନୀତି ଓ ପ୍ରଶାସନ, ଶିଳ୍ପ, ଯୋଜନା ଓ ସମନ୍ୱୟ । |
| ୨ । ଶ୍ରୀ ବିନାୟକ ଆଚାର୍ଯ୍ୟ | .. | ଅର୍ଥ, ଅବକାରୀ |
| ୩ । ଶ୍ରୀ ବାଙ୍କବିହାରୀ ଦାସ | .. | ରାଜସ୍ୱ, ଗ୍ରାମ ଉନ୍ନୟନ |
| ୪ । ଶ୍ରୀ ଯଦୁନାଥ ଦାଶ ମହାପାତ୍ର | .. | ଶିକ୍ଷା ଓ ସାଂସ୍କୃତିକ ବ୍ୟାପାର |
| ୫ । ଶ୍ରୀ ଶ୍ରୀବଚ୍ଛ ପାଣିଗ୍ରାହୀ | .. | ଯୋଗାଣ, ବାଣିଜ୍ୟ |
| ୬ । ଶ୍ରୀ ଲକ୍ଷ୍ମଣ ମଲ୍ଲିକ | .. | କୃଷି ଓ ସମବାୟ, ପୂର୍ତ୍ତ ଓ ପରିବହନ |

## ରାଷ୍ଟ୍ର ମନ୍ତ୍ରୀ


| | | |
|---|---|---|
| ୧ । ଶ୍ରୀ ମୋହନ ନାୟକ | .. | ଗ୍ରାମ ପୋଷଣୀ ଓ ପଞ୍ଚାୟତିରାଜ |
| ୨ । ଶ୍ରୀ ସୋମନାଥ ରଥ | .. | ସ୍ୱାସ୍ଥ୍ୟ ଓ ପୌର ଉନ୍ନୟନ |
| ୩ । ଶ୍ରୀ ରାମଚନ୍ଦ୍ର ଉଲ୍‌କା | .. | ଆଦିବାସୀ ଓ ଗ୍ରାମ ମଙ୍ଗଳ |
| ୪ । ଶ୍ରୀ ବ୍ରହ୍ମାନନ୍ଦ ବିଶ୍ୱାଳ | .. | ଆଇନ, ଜଙ୍ଗଲ ଓ ପଶୁପାଳନ |
| ୫ । ଶ୍ରୀ ଦିବ୍ୟଲୋଚନ ଶେଖର ଦେଓ | .. | ଜଳସେଚନ ଓ ବିଦ୍ୟୁତ୍ |
| ୬ । ଡକ୍ଟର କୃପାସିନ୍ଧୁ ଭୋଇ | .. | ଖଣି ଓ ଭୂତତ୍ତ୍ୱ |
| ୭ । ଡକ୍ଟର ବେଣୁଧର ବଳିଆର ସିଂହ | .. | ଶ୍ରମ, କର୍ମସଂସ୍ଥାନ ଓ ଗୃହନିର୍ମାଣ |
| ୮ । ଶ୍ରୀ କାହ୍ନୁ ଚରଣ ଲେଙ୍କା | .. | ଶିଳ୍ପ, ଯୋଜନା ଓ ସମନ୍ୱୟ |
| ୯ । ଶ୍ରୀ ଭାଗୀରଥି ଗମାଙ୍ଗ | – | କୃଷି ଓ ସମବାୟ |

## ଉପ ମନ୍ତ୍ରୀ

| | | |
|---|---|---|
| ୧ । ଶେଖ୍ ମତଲୁବ୍ ଅଲ୍ଲୀ | .. | ସାଂସ୍କୃତିକ ବ୍ୟାପାର |
| ୨ । ଶ୍ରୀ ହୁର୍ଥିଆ ମାଝୀ | .. | ଜଳସେଚନ ଓ ବିଦ୍ୟୁତ୍ |
| ୩ । ଶ୍ରୀ ଜଗନ୍ନାଥ ପଟ୍ଟନାୟକ | .. | ଯୋଜନା ଓ ସମନ୍ୱୟ,ସଗଷ ବିଭାଗର ତେଇ, ରାଜନୀତି ଓ ପ୍ରଶାସନ ବିଭାଗର ରାଜଧାନୀ ପ୍ରଶାସନ । |



Shilpi MPMA 40 A/




ନୂତନ ମନ୍ତ୍ରୀମଣ୍ଡଳର ଶପଥ ଗ୍ରହଣ





ନୂତନ ମନ୍ତ୍ରୀମଣ୍ଡଳର ଶପଥ ଗ୍ରହଣ





ନୂତନ ମନ୍ତ୍ରୀମଣ୍ଡଳର ଶପଥ ଗ୍ରହଣ






ଭୋଟ ଦେବା ପାଇଁ ଆଦିବାସୀ ମହିଳାଙ୍କର ସବଳ ଆଗ୍ରହ

## ବିଧାନସଭା ନିର୍ବାଚନ-୧୯୭୪

ଅନ୍ଧ ଭୋଟରର ମଧ୍ୟ ଭୋଟ ଦାନର ଅଧିକାର ରହିଛି ।






ରାଜ୍ୟପାଳ ଶ୍ରୀ ବି. ଡି. ଜାଟି ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି ।

## ଗଣତନ୍ତ୍ର ଦିବସ-୧୯୭୪

ଭୁବନେଶ୍ୱରଠାରେ ଅନୁଷ୍ଠିତ ଗଣତନ୍ତ୍ର ଦିବସ ଉତ୍ସବରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଲେଖକ ଶ୍ରୀ ବଳରାମ ମହାନ୍ତି ରାଜ୍ୟପାଳଙ୍କଠାରୁ 'ତାମ୍ର ପତ୍ର' ଗ୍ରହଣ କରୁଛନ୍ତି ।






ଭୁବନେଶ୍ୱରରେ ଆୟୋଜିତ ଗଣତନ୍ତ୍ର ଉତ୍ସବରେ ରାଜ୍ୟପାଳ ଶ୍ରୀ ଜାଟି ଗତ୍ୟାର
କେତେକ ପୋଲିସ ଅଫିସରଙ୍କୁ ପୋଲିସ ପଦକ ପ୍ରଦାନ କରୁଛନ୍ତି ।

## ଗଣତନ୍ତ୍ର ଦିବସ-୧୯୭୪

ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ଗଣତନ୍ତ୍ର ଦିବସରେ ଜିଲ୍ଲାପାଳ ଶ୍ରୀ ଲକ୍ଷ୍ମୀଧର ମିଶ୍ର
ଛ'ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ତାମ୍ର ପତ୍ର ପ୍ରଦାନ କରିଥିଲେ ।






କଳାହାଣ୍ଡି ଜିଲ୍ଲାପାଳ ଭବାନୀପାଟଣାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଗଣତନ୍ତ୍ର
ଦିବସ ପରେଡ୍ ପରିଦର୍ଶନ କରୁଛନ୍ତି ।

## ଗଣରାଜ୍ୟ ଦିବସ-୧୯୭୪

ସୁନ୍ଦରଗଡ଼ ଜିଲ୍ଲାପାଳ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ଗଣତନ୍ତ୍ର ଦିବସ ପରେଡ୍
ପରିଦର୍ଶନ କରୁଛନ୍ତି ।





ଭବାନୀପାଟଣାରେ ଅନୁଷ୍ଠିତ ଜନସ୍ୱରାଜ୍ୟ ଦିବସ ଉତ୍ସବରେ ଶ୍ରେଷ୍ଠ ପ
ନିମନ୍ତେ କଳାହାଣ୍ଡି କଲେଜର ସିନିୟର ଡିଭିଜନ ଏନ୍. ସି. ସି.କୁ କୋହ
ଜିଲ୍ଲାପାଳ ମୁଖ୍ୟ ମନ୍ତ୍ରୀଙ୍କ କପ୍ ଓ ସିଲଡ୍ ପ୍ରଦାନ କରୁଛନ୍ତି ।

## ଜନସ୍ୱରାଜ୍ୟ ଦିବସ-୧୯୭୪

ଭବାନୀପାଟଣାରେ ଅନୁଷ୍ଠିତ ଜନସ୍ୱରାଜ୍ୟ ଦିବସ ଉତ୍ସବରେ କଳାହାଣ୍ଡି ଜିଲ୍ଲାପାଳ ଭୂମିହୀନ ଆଦିବାସୀ ଓ ହରିଜନ ଲୋକଙ୍କୁ ଜମି ପଟ୍ଟା ପ୍ରଦାନ କରୁଛନ୍ତି ।

